ଓଲାଇ ହୋଇ ଚାଲିଯାଏ । ସେହିଭଳି ରୋଗ ଦୁଃଖକୁ ଝାଡ଼ୁରେ ମା ଝାଡ଼ି ନିଏ । ବାଉଁଶ ଉପର ଛତରେ ଯେଉଁ କୁକୁଡ଼ା ବନ୍ଧାଯାଏ, ତାର କାରଣ, ସମସ୍ତେ ବିଶ୍ୱାସ କରିବେ ଯେ ମାଟିର ମା ସେଠାରେ ଅଛି । ବାଉଁଶର ବିଭିନ୍ନ ସ୍ଥାନରେ ଘୁଷୁରି ମାଂସ ବାନ୍ଧିବାଦ୍ୱାରା ସେମାନେ ଭାବନ୍ତି, ମାଟିର ମା ଘୁଷୁରି ଉପରେ ଗୋଡ଼ ଦେଇ ବାଉଁଶ ଉପରକୁ ଉଠି ପାରିବ ଓ ପୂଜା ଦେଖି-ପାରିବ । କାଠର ଚଢ଼େଇଟି ବାନ୍ଧି ଶବ୍ଦ କରିବାର ବ୍ୟବସ୍ଥା କରିବା ଦ୍ୱାରା ମାଟିର ମା'କୁ ସେମାନେ ଜଣାଇ ଦିଅନ୍ତି ଯେ, ତା ପାଇଁ ପୂଜାର ଆୟୋଜନ ଚାଲିଛି । ପୂଜାବେଳେ ଡମ୍ବ ଉପରେ ରକ୍ତ ଦେବାର କାରଣ, ଡମ୍ବ ଉପରେ ରକ୍ତ ଦେଲେ ତାହା ମା ଖାଇବେ ବୋଲି ସେମାନଙ୍କର ଧାରଣା । ଖୋପ ଭିତରେ ଅଣ୍ଡା ରଖିବା ଦ୍ୱାରା ଖରାପ ଆଖି ପଡ଼େନାହିଁ । ଏହି ପର୍ବଦିନ ସମସ୍ତେ ଯେଉଁ ହଳଦୀ ଲଗାନ୍ତି, ତାର କାରଣ ହଳଦୀର ବ୍ୟବହାର ହେତୁ ଜାତିଗତ ପାର୍ଥକ୍ୟ ଦୂର ହୋଇଯାଏ । ସାନ, ବଡ଼, ଉଚ୍ଚଜାତି, ନୀଚଜାତି ପାର୍ଥକ୍ୟ ରହେନାହିଁ । ଏ ପର୍ବରେ କନ୍ଦଘର ତିଆରି ପିଠାମାନ ଉପସ୍ଥିତ ବିଭିନ୍ନ ଜାତିଙ୍କ ଘରେ ବଣ୍ଟାଯାଏ । ଏ ପିଠା ସହିତ ହଳଦୀ ମିଶାଇ ଦିଅନ୍ତି । କାରଣ ଏହା ଫଳରେ ଜାତିଗତ ଦୋଷ ଆଉ ଲାଗିବ ନାହିଁ । ସମସ୍ତେ ପିଠା ଖାଇବେ ବୋଲି ସେମାନଙ୍କର ବିଶ୍ୱାସ । ମାଇପେ ମଇଁଷିକୁ ଘେରି ବସି ମନ ଦୁଃଖ କରି କାନ୍ଦିବାର ଓ ଖାଇବାକୁ ଦେବାର କାରଣ ଯଦି ସେ ନ ଖାଏ, ତେବେ ଗୁରୁର ଦୋଷ ।

ଦେହୁରି ପରି ଗୁରୁଙ୍କୁ କେତେ ଗୁଡ଼ିଏ ନିୟମ ପାଳନ କରିବାକୁ ହୁଏ । ସେ ନିଜେ ହୁଏତ ରାନ୍ଧିକରି ଖାଇବେ କିମ୍ବା କୌଣସି ଅବିବାହିତ ପୁରୁଷ ରାନ୍ଧି ଦେଲେ ଖାଇବେ । ମୁଣ୍ଡରେ ବୋଝ ବୋହିବେ ନାହିଁ । ଦାଢ଼ି କାଟି ପାରିବେ ନାହିଁ ।

ଏହି ପର୍ବଟିରେ କେତେ ଖର୍ଚ୍ଚ ହୋଇଥିଲା ଓ କଣ କଣ ଖର୍ଚ୍ଚ ହୋଇଥିଲା ତାର ଗୋଟିଏ ତାଲିକା ତଳେ ଦିଆଗଲା:—

| | ଜିନିଷର ନାମ ଓ ପରିମାଣ | | ଆନୁମାନିକ ମୂଲ୍ୟ |
|---|---|---|---|
| ପ୍ରଥମ ଦିନ | | | |
| | ମହୁଲି ମଦ | ୪ ହାଣ୍ଡି | ଟ୮/ |
| | ଅଣ୍ଡା | ୧ ଗୋଟି | ଟ୦/ |
| | ଲିଆ | ୨୦ ତୋଳା | |
| | ହଳଦୀ | ୪ ଖଣ୍ଡ | |
| | କଞ୍ଚା ପତ୍ରର ଠୋଲା | | |
| ଦ୍ୱିତୀୟ ଦିନ | | | |
| | ମଦ | ୪ ହାଣ୍ଡି | ଟ୮/ |
| | ଅଣ୍ଡା | ୪ ଗୋଟି | ଟ୦। |
| | ଘୁଷୁରି | ୧ ଗୋଟି | ଟ୮/ |
| | କୁକୁଡ଼ା | ୧ ଗୋଟି | ଟ୧୮/ |
| | ଚାଉଳ | ୨୦ ଗୌଣି | |
| | ଡାଲି | ୨ ଗୌଣି | |
| | ଗାମୁଛା | ୧୨ ଖଣ୍ଡ | |

| | ଜିନିଷର ନାମ ଓ ପରିମାଣ | | ଆନୁମାନିକ ମୂଲ୍ୟ |
|---|---|---|---|
| **ତୃତୀୟ ଦିନ** | | | |
| | ପଣ୍ଡା | ୧ ଗୋଟି | ଟ୪୬୵ |
| | ଘଷୁରି | ୧ ଗୋଟି | ଟ୩୵ |
| | କୁକୁଡ଼ା | ୧ ଗୋଟି | ଟ୧୵ |
| | ଚାଉଳ | ୪୦ ତୋଲା | |
| | ସୋରିଷତେଲ | | ଟ୦୭ |
| | ମଦ | ୪ ହାଣ୍ଡି | ଟ୮୵ |
| | କିଛି ଚାଉଳ ପିଠା | | |
| **ଚତୁର୍ଥ ଦିନ** | | | |
| | ପୋଢ଼ୁଅ | ୧ ଗୋଠା | ଟ ୩୦୵ |
| | ଛେଳି | ୪ ଗୋଠା | ଟ ୩୬୵ |
| | ଚାଉଳ | ୪୦ ଗୌଣୀ | |
| | ଲୁଣ | | ଟ୦ ୳ |
| | ମାଟି ହାଣ୍ଡି | | ଟ ୫୵ |
| | ଅଣ୍ଡା | ୧ ଗୋଟି | ଟ୦ / |
| | ମଦ | ୪ ହାଣ୍ଡି | ଟ ୮୵ |
| | କିଛି ଲଙ୍କା | | |
| **ପଞ୍ଚମ ଦିନ** | | | |
| | ଅଣ୍ଡା | ୧ ଗୋଠା | ଟ୦ / |
| | କୁକୁଡ଼ା | ୧ ,, | ଟ ୧୵ |
| | ଛେଳି | ୧ ,, | ଟ ୧୦୵ |
| | ଚାଉଳ | ୮ ଗୌଣୀ | |
| | ଡାଲି | ୬ ସେର | |
| | ମଦ | ୬ ହାଣ୍ଡି | ଟ ୪୵ |

ଏହି ପର୍ବଟିରେ ବହୁତ ଲୋକଙ୍କର ସାହାଯ୍ୟ ନିଆଯାଇଥିଲା । କମାର, କୁମ୍ଭାର, ପାଣ, ହାଡ଼ି ଦେହୁରୀ ଓ ଗୁରୁଙ୍କ ନାମ ଉଲ୍ଲେଖ ଯୋଗ୍ୟ । ପ୍ରତ୍ୟେକେ ସେମାନଙ୍କ କାର୍ଯ୍ୟ ପାଇଁ କିଛି କିଛି ପାଉଣା ମଧ୍ୟ ପାଇଥିଲେ । ଯଥା:—

| | | | |
|---|---|---|---|
| **ଗୁରୁ** | | | |
| | ଦକ୍ଷିଣା ଟଙ୍କା ଆକାରରେ | | ଟ ୧୫୵ |
| | ଚାଉଳ | ୧୦ ଗୌଣୀ | |
| | ଲୁଗା | ୨ ଖଣ୍ଡ | |
| **କେଉଁ ଦେହୁରୀ ଓ ତାର ସ୍ତ୍ରୀ** | | | |
| | ଲୁଗା | ୨ ଖଣ୍ଡ | |



ଜଙ୍ଗଲରେ ବାଉଁଶ ବାଛୁଛନ୍ତି ।



ବାଉଁଶ କାଟିବା ଆଗରୁ ଜଙ୍ଗଲରେ ବାଉଁଶ ମୂଳେ ପୂଜା ଦାନ ।

**ପାଣ**

| | | | |
|---|---|---|---|
| ବାଜା ବଜାଇବା ପାଇଁ ପ୍ରତ୍ୟେକେ | ୨୪ ଗଜ ଲୁଗା | ୧ ଖଣ୍ଡ | ଟ ୧୯ |
| ,, | ଗୁଡ଼ଲ | ୧ ଗୌଣୀ | |
| | ଟଙ୍କା ଆକାରରେ ପ୍ରତ୍ୟେକେ | | ଟ ୧୯ |

**କମାର**

| | | | |
|---|---|---|---|
| କୁରାଢ଼ୀ ଓ କାଟିବା ପାଇଁ ଦେଇଥିବା ଅନ୍ୟ ହତିଆର ସକାଶେ ... | ଗୁଡ଼ଲ | ୧ ଗୌଣୀ | |
| ଟଙ୍କା ଆକାରରେ | | | ଟ ୧୯ |

**କୁମ୍ଭାର**

ପାଣ, ହାଣ୍ଡି ଯୋଗାଇବା ପାଇଁ ଗୁଡ଼ଲ ୨ ଗୌଣୀ

**ଜାକର ଓ ତାର ସ୍ତ୍ରୀ**

| | | |
|---|---|---|
| | ଲୁଗା | ୨ ଖଣ୍ଡ |

**ଜଗୁଆଳ**

| | | |
|---|---|---|
| | ଲୁଗା | ୧ ଖଣ୍ଡ |

**ପ୍ରଧାନ**

| | | |
|---|---|---|
| ମଇଁଷି ପାଇଁ | ଲୁଗା | ୧ ଖଣ୍ଡ |

ଉପରଲିଖିତ ବିବରଣୀରୁ ଦେଖାଯାଉଛି, ଏ ପର୍ବଟି ଏକ ବିରାଟ ପର୍ବ ଓ ସମସ୍ତଙ୍କର ସହଯୋଗ ଓ ସହାନୁଭୂତି ନେଇ ହୋଇଥାଏ । ଏହି ପର୍ବର ଆମ୍ଭମାନଙ୍କ ଗ୍ରାମରେ ପ୍ରଚଳିତ ଚୈତ୍ରପର୍ବ ସହିତ ସମ୍ପର୍କ ଅଛି । ପରବର୍ତ୍ତୀ ସଂଖ୍ୟାରେ ଏହି ପର୍ବର ଆମ ପର୍ବ ସହିତ ସମ୍ପର୍କ, ପୂଜାରେ ବ୍ୟବହୃତ ପ୍ରତ୍ୟେକ ମନ୍ତ୍ର ଓ ପର୍ବର ପ୍ରାଧାନ୍ୟ ବିଭିନ୍ନ ଦିଗରୁ ଆଲୋଚନା କରାଯିବ ।

କ୍ରମଶଃ

---

# ଆଦିମ ସମାଜର ଗାଦବା ଗୋଷ୍ଠୀ

ନିର୍ମଳ ପ୍ରସାଦ ଦାସ

ଶିକ୍ଷକ, ଫଙ୍କାସ୍ ଆଶ୍ରମ ସ୍କୁଲ

କୋରାପୁଟ ଜିଲ୍ଲାଟିକୁ ଓଡ଼ିଶାର କାହିଁକି, ଭାରତ ବର୍ଷର ପ୍ରଧାନ ଆଦିବାସୀବହୁଳ ଅଞ୍ଚଳ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସାରା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଯେତେ ପ୍ରକାର ଆଦିବାସୀ ଅଛନ୍ତି, ତନ୍ମଧ୍ୟରୁ ସାନ୍ତାଳ, କୋହ୍ଲ, ଓରାମ ପ୍ରଭୃତି କେତେକ ଗୋଷ୍ଠୀଙ୍କୁ ଛାଡ଼ିଦେଲେ, ଅନ୍ୟ ସମସ୍ତ ପ୍ରକାରର ଆଦିବାସୀ ଉକ୍ତ ଜିଲାରେ ଦେଖାଯାନ୍ତି । ଏମାନଙ୍କ ମଧ୍ୟରେ କେଉଁ ଗୋଷ୍ଠୀ ଅତି ଆଦିମ, ତାହା କହିବା ଅସମ୍ଭବ । ତଥାପି ଭାଷା ଓ ସଂସ୍କୃତିର ଗବେଷଣା ଫଳରେ ଏ ବିଷୟରେ ବହୁ ତଥ୍ୟ ଜଣାପଡ଼ି ପାରେ । କେଉଁ କେଉଁ ଭାଷା ମଧ୍ୟରେ ସମ୍ପର୍କ ଅଛି ଓ କାହାଠାରୁ କିଏ ଉତ୍ପନ୍ନ ସେ ବିଷୟରେ କିଛି ନା କିଛି ସୂଚନା ମିଳିପାରେ ।

ସେ ଯାହା ହେଉ, କୋରାପୁଟର ଆଦିବାସୀମାନଙ୍କ ମଧ୍ୟରେ ଗାଦବା ଗୋଟିଏ ପ୍ରଧାନ ଗୋଷ୍ଠୀ । ଏମାନଙ୍କର ଭାଷା, ସଂସ୍କୃତି ଓ ପରମ୍ପରା ପ୍ରଣିଧାନର ଯୋଗ୍ୟ । କୋରାପୁଟର ପ୍ରତ୍ୟେକ ଅଞ୍ଚଳରେ ଏମାନେ ଦେଖାଯାଉ ଥିଲେ ମଧ୍ୟ ସଦର, ନନ୍ଦପୁର, ପଟାଙ୍ଗି ଓ ପାଡ଼ୁଆ ଅଞ୍ଚଳରେ ଏମାନେ ବେଶି ସଂଖ୍ୟାରେ ଦେଖାଯାନ୍ତି । ଏହି ଜିଲାର ମୋଟ ଆଦିବାସୀ ସଂଖ୍ୟା ୫,୨୨,୮୪୧ । ସେଥିରୁ ଗାଦବାମାନଙ୍କ ସଂଖ୍ୟା ୩୩,୦୪୧ ।

ପ୍ରାୟ ପ୍ରତ୍ୟେକ ଗ୍ରାମରେ ଏମାନଙ୍କର ବସତି ଦେଖିବାକୁ ମିଳେ । ବିଶେଷ କଥା ଏହି ଯେ, ପ୍ରାୟ ପ୍ରତ୍ୟେକ ଗ୍ରାମର ନାୟକ ଅର୍ଥାତ୍ ମୁଖିଆମାନଙ୍କ ମଧ୍ୟରେ ଗାଦବା ଗୋଷ୍ଠୀ ମଧ୍ୟରୁ ଜଣେ କେହି ନା କେହି ଦେଖାଯାଏ । ଅନ୍ୟାନ୍ୟ ସମ୍ପ୍ରଦାୟର ଗୃହ ଅପେକ୍ଷା ଏମାନଙ୍କର ଗୃହଗୁଡ଼ିକ ବିଶେଷ ପରିଷ୍କାର, ଓ ପରିଚ୍ଛନ୍ନ । ପରିବାରର ଶ୍ରେଷ୍ଠ ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପରିଶ୍ରମୀ । ପୁରୁଷମାନଙ୍କର ଗୃହକର୍ତ୍ତା ହିସାବରେ ଯେତିକି ଅଧିକାର, ସ୍ତ୍ରୀମାନଙ୍କର ଗୃହକର୍ତ୍ତ୍ରୀ ହିସାବରେ ତା'ଠାରୁ ବେଶି । ଏମାନେ ସତ୍ୟ ଓ ନ୍ୟାୟର ପ୍ରଧାନ ଉପାସକ । ଉକ୍ତ ଗୋଷ୍ଠୀ ଲୋକଙ୍କର ଧୈର୍ଯ୍ୟ ଓ ସରଳତା ସମସ୍ତଙ୍କର ଅନୁକରଣୀୟ । ସେମାନଙ୍କର ଚାଲିଚଳନ ଓ ବ୍ୟବହାର ଉତ୍ତମ ପ୍ରକାରର । ସ୍ତ୍ରୀ ଲୋକମାନଙ୍କର ପ୍ରଧାନ ପରିଧାନ ହେଉଛି କେରଙ୍ଗ ଗଛର ପଟରୁ ନିର୍ମିତ ହୋଇଥିବା କେରଙ୍ଗ ବସ୍ତ୍ର । ଏ ବସ୍ତ୍ରକୁ ସ୍ତ୍ରୀ ଲୋକମାନେ ନିଜେ ନିଜେ ହାତ ଚକ୍ର ଦ୍ୱାରା ବୁଣନ୍ତି । ପୁରୁଷ ଓ ଶ୍ରେଷ୍ଠ ବାଳକବାଳିକାମାନେ ସେହି କେରଙ୍ଗରୁ ନିର୍ମିତ କଉପୁନି ବ୍ୟବହାର କରନ୍ତି । ଏବେ

ଆଧୁନିକ ସମାଜ ସଂପର୍କରେ ଆସି ଏବଂ ବିଶେଷତଃ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ପ୍ରଚେଷ୍ଟାରେ ଏମାନେ କଉପୁନି ପରିବର୍ତ୍ତେ ସ୍ଥାନେ ସ୍ଥାନେ ଗ୍ଲେଟି ଲୁଗା ବ୍ୟବହାର କଲେଣି ଓ ଯୁବତୀମାନେ ଶାଢ଼ୀ ବ୍ୟବହାର କରିବାର ଦେଖା ଗଲାଣି ।

'ଗେଲ୍' ବା ଚଇତ ପର୍ବ ପରେ ଜ୍ୟେଷ୍ଠ ମାସଠାରୁ କୃଷି ଆଦି ଶସ୍ୟ ଉତ୍ପନ୍ନ କାର୍ଯ୍ୟରେ ସେମାନେ ମନ ଦିଅନ୍ତି । ମାର୍ଗଶୀର ମାସରେ କୃଷି କାର୍ଯ୍ୟ ଶେଷ ହୁଏ । ପୌଷମାସରେ ପୁଷ ପରବ ସହିତ ଶସ୍ୟାଦି ଅମଳ ଓ ଋଣ ପରିଶୋଧ କାମ ମଧ୍ୟ ଶେଷ ହୁଏ । ଋଣ ପରିଶୋଧ ସମୟରେ ଏମାନଙ୍କର ଧୈର୍ଯ୍ୟ, ଶାନ୍ତି କାମନା, ସରଳତା, ନ୍ୟାୟଭାବ ବିଶେଷ ଭାବେ ପରିସ୍ଫୁଟ ହୁଏ । ମହାଜନମାନଙ୍କୁ ଠକନ୍ତି ନାହିଁ । ମହାଜନର ପାଉଣା ଯାହା ହୁଏ ସେଥିକୁ ନିଜର ଧନ ନିଅଣ୍ଟ ହେଲେ କାହାରିଠାରୁ ହେଲେ ନୂତନ ଋଣକରି ପୁରାତନ ଋଣ ପରିଶୋଧ କରନ୍ତି ।

ପର୍ବ ପାଳନ ଏମାନଙ୍କର ପ୍ରଧାନ ବିଧି । ଆମ ସମାଜରେ ମଧ୍ୟବିତ୍ତ ଶ୍ରେଣୀ ଯେପରି ସାମ୍ପ୍ରଦାୟିକ ରୀତି ନୀତି ଅନୁସରଣ କରି ସମ୍ବଳହୀନ, ଋଣଗ୍ରସ୍ତ ହୋଇ ପଡନ୍ତି, ଠିକ ସେହିପରି ଏମାନେ ଘରେ ଧନ ନ ଥିଲେ ମଧ୍ୟ ଗୋତି (ମୂଲିଆ ଗୃକର୍ମୀ) ରହି ବା ବନ୍ଧକ ଆଦି ବିଭିନ୍ନ ହୃଦରେ ଋଣ କରି ପର୍ବ ପାଳନ କରି ସମସ୍ତ ପ୍ରକାର ସାମ୍ପ୍ରଦାୟିକତା ରକ୍ଷା କରନ୍ତି । ଯଦି ସମାଜ ସଂସ୍କାରକମାନେ ସାମାଜିକ ଜୀବନ ଯାପନର ଏହିପରି ସବୁ ଘଟଣାକୁ ପରିବର୍ତ୍ତନ କରିପାରନ୍ତେ ବା ଚେଷ୍ଟା କରନ୍ତେ, ତେବେ ଆଦିବାସୀ କାହିଁକି ଅନ୍ୟମାନେ ମଧ୍ୟ ବିଶେଷ ଉପକୃତ ହୁଅନ୍ତେ । ଏଥିପାଇଁ ଲୋକମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଓ ମନରେ ଦୃଢ଼ତା ଏକାନ୍ତ ଆବଶ୍ୟକ । ଯାହା ହେଉ ଆମ୍ଭେମାନେ ବର୍ତ୍ତମାନ ଏହି ଭାଇମାନଙ୍କର ପର୍ବଗୁଡ଼ିକୁ ଆଖି ପକାଇବା ।

ଫସଲ ଅମଳ ବା ପୁଷ ପର୍ବ ପରେ ସର୍ବଶ୍ରେଷ୍ଠ 'ଗେଲ୍' ପର୍ବ ଆସେ । ଏହାର ଅନ୍ୟ ନାମ ଚଇତ ପର୍ବ । ଏହି ପର୍ବରେ ସମସ୍ତ ପ୍ରକାର ଗୋଷ୍ଠୀ ବା ଜାତି ନିର୍ବିଶେଷରେ ଆବାଳବୃଦ୍ଧବନିତା ଯୋଗ ଦିଅନ୍ତି । ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ପ୍ରାୟ ଏକମାସ ଯାଏଁ ଏହା ପାଳନ କରାଯାଏ । ପ୍ରତ୍ୟେକେ ସେମାନଙ୍କର ଘର ଆଦି ଲିପି, ନୂତନ ବସ୍ତ୍ର ପିନ୍ଧି, ବାଜା ବଜାଇ ଘୁରିଆଡ଼େ ବୁଲି ନାଚ କରନ୍ତି । ଏହି ପ୍ରକାର ନୃତ୍ୟ 'ଗାଦବାନୃତ୍ୟ' ନାମରେ ବିଖ୍ୟାତ । ତା'ପରେ ଜଙ୍ଗଲକୁ ଯାଇ ଶିକାର କରନ୍ତି । ଏହି ପର୍ବ ପାଳନ ସମୟରେ ଏମାନେ କାହାକୁ ଭୟ କରନ୍ତି ନାହିଁ । ରାସ୍ତାରେ ପ୍ରତ୍ୟେକ ପ୍ରକାର ଯାନବାହାନ ଅଟକାଇ ମଉଜ କରନ୍ତି ଏବଂ ଯେ ଯାହା ଦିଅନ୍ତି ତାହା ଅମ୍ଳାନ ବଦନରେ ଗ୍ରହଣ କରନ୍ତି । ଏହା ପରେ ପରେ ଆସେ ଉଆଁସ ପର୍ବ । ପଛକୁ ପଛ ଦେଖାଦିଏ ବନ୍ଦାପନା ବା ବୋଇତାଳୁ ପର୍ବ । ଏଥିରେ ନୂଆଫଳମୂଳ ଖିଆ ଆରମ୍ଭ ହୁଏ । ଆଶ୍ୱିନ ମାସରେ ମୁଣ୍ଡ ଧୁଆଣୀ ବା ଦଶହରା ପର୍ବ ପାଳିତ ହୁଏ । ଏଥିରେ କାକୁଡ଼ି ଖାଇବା ଆରମ୍ଭ ହୁଏ । ଉପକୂଳ ଜିଲ୍ଲାମାନଙ୍କର ଖୁଦୁରୁକୁଣୀ ଓଷା ପରି ଏହା ପାଳନ ହୁଏ । ଏହାପରେ ଆସେ 'ଦିଆଲି' ପର୍ବ । ଶୁଆଁ, ଝୁଡ଼ଙ୍ଗ, ସାରୁ ଓ ଡଙ୍ଗର ଧାନ ଖାଇବା ଏହି ଦିନଠାରୁ ଆରମ୍ଭ ହୁଏ । ପୌଷ ମାସରେ ଫସଲ ଅମଳ ବା ପୁଷ ପରବର ଯୋଗାଡ଼ ଚାଲେ । ଏହା ପରେ ପରେ ପୁନରାୟ ବର୍ଷଶେଷ ଓ ବର୍ଷ ଆରମ୍ଭ ସମୟର ପ୍ରଧାନ 'ଗେଲ୍' ପରବ ଦେଖାଦିଏ ।

ଏହିପରି ବିଚାର କଲେ ଦେଖାଯାଏ ଯେ, ଏମାନେ ବର୍ଷ ମଧ୍ୟରେ ପ୍ରତ୍ୟେକ ପ୍ରକାର ଶସ୍ୟ, ଫଳମୂଳ ଖାଇବା ପୂର୍ବରୁ ପର୍ବ ତଥା ଉତ୍ସବ ପାଳନ କରି ଦେବାଦେବୀଙ୍କୁ ଅର୍ଚ୍ଚନା କରନ୍ତି ଓ ଜ୍ଞାତି, ବନ୍ଧୁବାନ୍ଧବଙ୍କୁ ଭୋଜନରେ ସନ୍ତୋଷ କରାଇ ସାର ନିଜେ ସମସ୍ତଙ୍କ ପଛରେ ଖାଆନ୍ତି । ଏଥିରୁ ସେମାନଙ୍କ ଭକ୍ତିଭାବ, ସ୍ନେହ ଓ ସୌହାର୍ଦ୍ଦ୍ୟ ଜଣାପଡ଼େ । ଦୁଃଖର ବିଷୟ, ସେମାନେ ବୁଝି ପାରନ୍ତି ନାହିଁ ଯେ, ଦାରିଦ୍ର୍ୟ ମଧ୍ୟରେ ଏତେ ଗୁଡ଼ିଏ ପର୍ବ ପାଳନ ଓ ବନ୍ଧୁବାନ୍ଧବଙ୍କର ଚର୍ଚ୍ଚା, ସେମାନଙ୍କୁ ସର୍ବସ୍ୱାନ୍ତ କରିବା ସଙ୍ଗେ ସଙ୍ଗେ ଧ୍ୱଂସାଭିମୁଖୀ କରୁଅଛି ।

ଆଦିବାସୀମାନଙ୍କର ଜୀବନଯାପନ ପ୍ରଣାଳୀ ଓ ସାମାଜିକ କୃଷ୍ଟିର ଆଲୋଚନା ଜଟିଳ ହେଲେ ହେଁ ପର ସଂଖ୍ୟାରେ ଏମାନଙ୍କର ଖାଦ୍ୟଦ୍ରବ୍ୟ, ନିଶାଦ୍ରବ୍ୟ, ବସନଭୂଷଣ ଓ ବାଦ୍ୟ ଯନ୍ତ୍ର ସମ୍ବନ୍ଧେ ଆଲୋଚନା କରି ସେଥିପ୍ରତି ଆଲୋକପାତ କରିବାର ପ୍ରୟାସ କରୁଅଛି ।

କ୍ରମଶଃ

---

# ଆଦିବାସୀ ଓ ଆଧୁନିକ ମାନବ ସମାଜ

ନବକିଶୋର ମଲ୍ଲିକ

କାର୍ଯ୍ୟକାରୀ ସଭାପତି, ଓଡ଼ିଶା ଦଳିତ ଛାତ୍ରସଂଘ

ବିଂଶ ଶତାବ୍ଦୀରେ ମାନବ ସମାଜ ଯେତେବେଳେ ସଭ୍ୟତାର ଚରମସୀମାରେ ଉପନୀତ ସେତେବେଳେ ଘୋର ବଣଜଙ୍ଗଲ ମଧ୍ୟରେ ପ୍ରକୃତି ଉପରେ ନିର୍ଭରକରି କିଭଳି ଆଦିମ ଅବସ୍ଥାରେ ମନୁଷ୍ୟ ବି ରହିପାରେ; ଏ କଥା ବେଳେବେଳେ ଚିନ୍ତାଶୀଳ ନାଗରିକଙ୍କର ମନକୁ ବିବ୍ରତ କରି-ଆଏ । ମନୁଷ୍ୟ ଯେତେବେଳେ ଚନ୍ଦ୍ରଲୋକ ଓ ମଙ୍ଗଳ ଗ୍ରହରେ ପହଞ୍ଚିବାକୁ ଚେଷ୍ଟିତ, ସେତେ-ବେଳେ ତାରି ପାଖରେ ଏଭଳି ଲୋକ କିପରି ଅଛନ୍ତି; ଯେଉଁମାନେ କି ଆଖପାଖ ଅଞ୍ଚଳ ବିଷୟରେ ଅନଭିଜ୍ଞ । ଜ୍ଞାନ ବିଜ୍ଞାନ ବିଷୟତ ଦୂରର କଥା, ସାଧାରଣ ଜୀବନଯାପନ ପ୍ରଣାଳୀ ଜାଣିବାକୁ ସେମାନେ ଅକ୍ଷମ । ଏ କଥା ଭାବି ବସିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ ।

ଇତିହାସ କହେ ଆଜକୁ ଦଶ ପନ୍ଦର ହଜାର ବର୍ଷତଳେ କିମ୍ବା କିଛି ଅଧିକ ଦିନ ପୂର୍ବେ ପ୍ରାଚୀନ ପ୍ରସ୍ତର ଯୁଗର ଲୋକେ ଏ ସ୍ୱର୍ଣ୍ଣପ୍ରସୂ ଭାରତ ଭୂମିରେ ବାସ କରୁଥିଲେ । ସେମାନେ ବଣ ଜଙ୍ଗଲରେ ବାସ କରୁଥିଲେ । ଲଙ୍ଗଳା ରହୁଥିଲେ ଓ ବଣର ଫଳମୂଳ, ପଶୁପକ୍ଷୀର ମାଂସ କଞ୍ଚା ଖାଇ ଜୀବନ ଧାରଣ କରୁଥିଲେ । ସେମାନେ ଲୁହାର ବ୍ୟବହାର ଜାଣି ନଥିଲେ । ପଥରରେ ଅସ୍ତ୍ର ଶସ୍ତ୍ର ତିଆରି କରୁଥିଲେ । ଏହି ହେତୁ ଏ ପ୍ରକାର ଚଳଣୀକୁ ଇତିହାସ କହେ ପ୍ରାଚୀନ ପ୍ରସ୍ତର ଯୁଗର ସଭ୍ୟତା । ଇତିହାସରୁ ଏ ବିଷୟ ପାଠ କଲାବେଳେ ଆମମାନଙ୍କୁ ବଡ଼ ବିଚିତ୍ର ଲାଗେ ଓ ମନରେ କୌତୁହଳ ଜାତ ହୁଏ । ସେହି ପ୍ରାଚୀନ ପ୍ରସ୍ତର ଯୁଗର ଲୋକଥିଲେ, ଏ ଦେଶର ଆଦିମ ଅଧିବାସୀ । ଆଜି ହୁଏତ ତାଙ୍କର ବଂଶଧରମାନେ ଅଛନ୍ତି । ଯେଉଁମାନଙ୍କୁ ଆମର ସଭ୍ୟ ଜଗତ କହେ ଆଦିବାସୀ । ସେହି ପ୍ରାଚୀନ ପ୍ରସ୍ତର ଯୁଗର ଲୋକମାନେ ଯେଉଁଭଳି ରହୁଥିଲେ, ଆଜି ବି ଏହି ଆଦିବାସୀମାନେ ଠିକ୍ ସେହିପରି ଅବସ୍ଥାରେ ଅଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏବେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷା ଦୀକ୍ଷାର ବ୍ୟବସ୍ଥା କରାଗଲାଣି; କିନ୍ତୁ ଅବସ୍ଥାର ବିଶେଷ ପରିବର୍ତ୍ତନ ହେଲାଭଳି ଜଣାପଡ଼ୁ ନାହିଁ । ଏ ଯୁଗରେ ଯଦି ଅଛି ପ୍ରାଚୀନତାର ବଶ୍ୟତା ସ୍ୱୀକାର କରି ମଣିଷ କି ବଞ୍ଚିରହିଛି; ତେବେ ସେମାନଙ୍କ ପକ୍ଷରେ ଏ ଯୁଗର ତାତ୍ପର୍ଯ୍ୟ କଣ ? ପ୍ରାଚୀନ ପ୍ରସ୍ତର ଯୁଗ ଓ ଏ ଯୁଗ ମଧ୍ୟରେ ପ୍ରଭେଦ କ'ଣ, ତାହା ସେମାନେ କଣ ହୃଦୟଙ୍ଗମ କରିପାରିବେ ? ଆମେ ସଭ୍ୟ ଜଗତର ଚରମସୀମାରେ ପହଞ୍ଚିପାରିଛୁ ବୋଲି ଭାବି ଗର୍ବ କରିବାର କଣ ଅଛି ଓ ଆମ ପକ୍ଷରେ ଏହାଠାରୁ ଲଜ୍ଜାର ବିଷୟ କଣ ହୋଇପାରେ ?

ପ୍ରାଚୀନ ପ୍ରସ୍ତର ଯୁଗରେ, ସେହି ଆଦିମ ଅଧିବାସୀଙ୍କଠାରୁ ଅଧିକ ସଭ୍ୟ ଲୋକ କେହି ନ ଥିଲେ । ତାଙ୍କ ପରେ ଯେଉଁମାନେ ଆସିଲେ, ସେମାନେ ସମ୍ପୂର୍ଣ୍ଣ ଏକ ନୂଆଶ୍ରେଣୀର ଲୋକ । ଏହି ଦୁଇ ଶ୍ରେଣୀଙ୍କ ମଧ୍ୟରେ ପାର୍ଥକ୍ୟ ଏତେ ବେଶି ଯେ, ଗୋଟିଏ ଶ୍ରେଣୀର ଲୋକ ଅନ୍ୟ ଗୋଟିଏ ଶ୍ରେଣୀର ଲୋକଙ୍କ ପାଖରେ ରହିପାରୁ ନ ଥିଲେ । ଏଥିପାଇଁ କଳହ, ଯୁଦ୍ଧ ସର୍ବଦା ଚାଲିଥାଏ । ଆଧୁନିକ ଯୁଗର ମନୋଭାବ ସେତେବେଳେ ମଣିଷ ସମାଜରେ ଜାଗ୍ରତ ହୋଇ ନଥିଲା । କିନ୍ତୁ ଆଜିର ଅବସ୍ଥା, ସେ ସମୟର ଠିକ୍ ବିପରୀତ ହେଲେ ମଧ୍ୟ କାର୍ଯ୍ୟ ଦିଗରେ ଏହାର ଫଳ ଆଦୌ ଦେଖାନାହିଁ ।

ଏ ଯୁଗରେ ଆମର ଇଚ୍ଛା ସ୍ୱତନ୍ତ୍ରେ ପ୍ରତ୍ୟେକଙ୍କୁ ସମାନ ଚକ୍ଷୁରେ ଦେଖିବେ । ସମାଜ ମଧ୍ୟରେ ସାନ, ବଡ଼, କଳା, ଗୋରା, ପ୍ରାଚ୍ୟ ଓ ପାଶ୍ଚାତ୍ୟ ପ୍ରଭୃତି ପାର୍ଥକ୍ୟ ମନୋଭାବ ରହିବ ନାହିଁ । ଶାନ୍ତି, ମୈତ୍ରୀ, ପ୍ରୀତି ହେଉଛି ଆଧୁନିକ ମାନବ ସମାଜର ମୂଳ ମନ୍ତ୍ର । ଗୋଟି ଗୋଟି ହୋଇ କେତେ ମହାପୁରୁଷ ମାନବ ସମାଜ ମଧ୍ୟରେ ଶାନ୍ତିର ସ୍ଥାୟିତ୍ୱ ପାଇଁ ମୂଳ ନୀତିମାନ ପ୍ରଚାର କରି ପୃଥିବୀରୁ ବିଦାୟ ନେଲେ । ଶେଷରେ ମହାତ୍ମାଗାନ୍ଧୀଙ୍କର ଆବିର୍ଭାବ । ଦୁନିଆର କୌଣସି ବିଷୟରେ ଚିନ୍ତା ନକରି ସେ ବାକି ରଖି ନାହାନ୍ତି । ଏହି ଆଦିମ, ଅସ୍ପୃଶ୍ୟ, ଦରିଦ୍ର ତଥା ସମଗ୍ର ମାନବ ସମାଜର ମଙ୍ଗଳ ପାଇଁ ସେ ନିଜର ଜୀବନ ଉତ୍ସର୍ଗ କରିଛନ୍ତି, ତଥାପି ଆମ ଆଖିର ଅନ୍ଧ ପୁଟୁଳି ଏ ପର୍ଯ୍ୟନ୍ତ ଖୋଲି ପାରିନାହିଁ । ଆମେ ମଣିଷକୁ ମଣିଷ ବୋଲି ଭାବି ପାରୁନାହୁଁ ; କି ସେମାନଙ୍କୁ ମଣିଷ ଅବସ୍ଥାକୁ ଆଣିବାକୁ ଚେଷ୍ଟା କରିନାହୁଁ । କାରଣ ଆମ୍ଭମାନଙ୍କ ମନରେ ଗୋଟିଏ ଧାରଣା ବଦ୍ଧମୂଳ ହୋଇ ରହିଛି ଯେ, ସେମାନେ ମନୁଷ୍ୟ ଅବସ୍ଥାକୁ ଉଠିଲେ ଆମ ସ୍ୱାର୍ଥରେ ବାଧା ଆସିବ । ସେମାନେ ସବୁ କ୍ଷେତ୍ରରେ ଆମ୍ଭମାନଙ୍କ ସହ ଭାଗିଦାର ହେବେ । ଅନେକେ ବିଶ୍ୱାସ କରନ୍ତି ବୋଲି ମନେ ହୁଏ ଯେ, ସେମାନେ ମନୁଷ୍ୟ ପଦବାଚ୍ୟ ନୁହଁନ୍ତି । ଏହିପରି ଭାବିବା ଫଳରେ ସେମାନେ ଗୋଟିଏ ମସ୍ତବଡ଼ ଭୁଲ କରୁଛନ୍ତି । କାରଣ ମନୁଷ୍ୟକୁ ପ୍ରକୃତ ମନୁଷ୍ୟକରି ଜଗତ ଆଗରେ ଠିଆ କରାଯାଇ ପାରିଲେ, ଆମର କାହିଁକି, ସମୁଦାୟ ମାନବ ସମାଜର ମଙ୍ଗଳ ହେବ । ସେ ଲାଭର କଳନା କରି ହେବନାହିଁ । କିନ୍ତୁ ସେମାନେ ଏକଥା ବୁଝିପାରୁନାହାନ୍ତି । ଆଜି ଯେ କେବଳ ଆମ୍ଭେମାନେ କାହିଁକି, ପୃଥିବୀର ସମସ୍ତ ଲୋକେ; ପାଶ୍ଚାତ୍ୟ ସଭ୍ୟତା ଓ ପାଶ୍ଚାତ୍ୟ ଦେଶବାସୀଙ୍କୁ ଶ୍ରେଷ୍ଠ ସଭ୍ୟ ବୋଲି ପସନ୍ଦ କରୁଛନ୍ତି । ତାର କାରଣ ହେଉଛି, ସେମାନେ ମନୁଷ୍ୟକୁ ମନୁଷ୍ୟ ହିସାବରେ ଚିହ୍ନନ୍ତି । ଅବଶ୍ୟ ଏ ଧାରଣା ଯେ ଷୋଳଅଣା ଠିକ୍, ଏକଥା ନୁହେଁ । ତେବେ ଏତିକି ନିଶ୍ଚିତ ଯେ, ସେମାନେ ଆମ୍ଭଠାରୁ ବହୁ ଉଚ୍ଚରେ । ସେଥିପାଇଁ ମହାତ୍ମା ଗାନ୍ଧୀ ଓ ତାଙ୍କର ଅନୁଚରଗଣ ଆମ ଦେଶବାସୀଙ୍କୁ ଶିକ୍ଷା ଦେଇଥିଲେ ଯେ, ମଣିଷକୁ ମଣିଷ ଭାବେ ଦେଖ । ଭେଦଭାବ ରଖ ନାହିଁ । ମହାତ୍ମାଙ୍କର ସେହି ପ୍ରକାରର ଚେଲାମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି, ପୂଣ୍ୟ ଶ୍ଳୋକ ଠକ୍କର ବାପା । ସେ ତାଙ୍କର ସମୁଦାୟ ଜୀବନକୁ ଏହି ଆଦିବାସୀଙ୍କ ସେବାରେ କଟାଇଥିଲେ । ସେମାନଙ୍କ ସଙ୍ଗରେ ରହିବାକୁ ଓ ଖାଇବାକୁ ସେ ବେଶି ପସନ୍ଦ କରୁଥିଲେ । ସେମାନଙ୍କୁ ଉଚ୍ଚସ୍ତରକୁ ଉଠାଇବା, ସେମାନଙ୍କୁ ଶିକ୍ଷିତ ଓ ସଭ୍ୟ କରାଇ ଅନ୍ୟ ଉନ୍ନତ ସମ୍ପ୍ରଦାୟମାନଙ୍କ ସହ ସମକକ୍ଷ କରାଇବା, ତାଙ୍କ ଜୀବନର ବ୍ରତ ଥିଲା । ମହାତ୍ମାଜୀ ତାଙ୍କ ଉପରେ ହରିଜନ, ଆଦିବାସୀ ଓ ପତିତମାନଙ୍କର ଦାୟିତ୍ୱ ଦେଇଥିଲେ । ଅପୂର୍ବ ଅଦ୍ଭୁତ, ନିସ୍ୱାର୍ଥପର ଜନସେବକର ସେ ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଥିଲେ । ମୃତ୍ୟୁ ବେଳକୁ ତାଙ୍କର ବୟସ ହୋଇଥିଲା ଏକାଅଶୀ ବର୍ଷ । ସେତେବେଳକୁ ସେ ତାଙ୍କର ଚକ୍ଷୁ ଶକ୍ତି ହରାଇ ସାରିଥିଲେ । କିନ୍ତୁ ଚଷମା ଲଗାଇବା କଥା ତାଙ୍କୁ କେହି କହିଲେ, ସେ କହୁଥିଲେ, "ମୋ ଭଳି ଲକ୍ଷ ଲକ୍ଷ ଲୋକ ଏ

ଦେଶରେ ଅଛନ୍ତି, ଯେଉଁମାନେ କି ଆଖିରେ ଦେଖି ପାରୁ ନାହାନ୍ତି । ଦୃଷ୍ଟି ଶକ୍ତି ହରାଇଛନ୍ତି । ସେମାନେ ତ ବଞ୍ଚି ରହିଛନ୍ତି । ତେବେ ମୁଁ କାହିଁକି ଅଧିକା ଗୋଟାଏ କୃତ୍ରିମ ଆଖିରେ ଲଗାଇବି । ମୁଁ ବି ସେମାନଙ୍କ ପରି ବଞ୍ଚି ରହିବି ।'' ତ୍ୟାଗର କି ଜ୍ୱଳନ୍ତ ନିଦର୍ଶନ ଏଠାରେ ଦେଖିବାକୁ ମିଳେ !

ଆଦିବାସୀମାନଙ୍କ ପ୍ରତି ଠକ୍କର ବାପ୍‌ପାଙ୍କର ଯେଉଁ ପ୍ରୀତିଭାବ ଓ ସେବା ମନୋବୃତ୍ତି ଥିଲା, ତାହା କଳ୍ପନା କରିବା ସହଜ ସାଧ୍ୟ ନୁହେଁ । ତାଙ୍କ ବିଷୟରେ ବିଶିଷ୍ଟ ନୃତତ୍ତ୍ୱବିତ୍ ଭେରିଅର ଏଲ୍‌ୱିନ୍ କହିଛନ୍ତି, "ଠକ୍କର ବାପ୍‌ପାଙ୍କ ଦୃଷ୍ଟିରେ ଜଣେ ମନ୍ତ୍ରୀର ଇସ୍ତଫା ପ୍ରଦାନ ବା ଗୋଟିଏ ଯୁଦ୍ଧର ଘୋଷଣା ଯେଉଁଳି ଗୁରୁତ୍ୱପୂର୍ଣ୍ଣ, ଜଣେ ଅଳ୍ପବେତନଭୋଗୀ ମେହେନ୍ତର, ଦୁର୍ଭିକ୍ଷ ପ୍ରପୀଡ଼ିତ ଗୋଟିଏ ଭିଲ୍ଲ ସନ୍ତାନ, ବେକାର ଓ ବୁଭୁକ୍ଷୁ ଗୋଟିଏ ଚମାରର ଘଟଣାବଳୀ ସେହିଭଳି ଗୁରୁତ୍ୱପୂର୍ଣ୍ଣ ।"

["Thakkar Bappa's standard of values, an underpaid Sweeper, a Bhil child caught by famine, an unemployed and hungry Chamar are as important matters as the resignation of a minister or the declaration of war"]

(Verrier Elwin)

ଏଥିରୁ ବେଶ ଅନୁମାନ କରିହେବ ଯେ, ସେ କିପରି ଆଦିବାସୀମାନଙ୍କୁ ସମସ୍ତଙ୍କଠାରୁ ଅଧିକ ଭଲ ପାଉଥିଲେ । ଏହିଭଳି ଭାବ ଯଦି ଆମ୍ଭମାନଙ୍କ ହୃଦୟରେ ଓ ମନରେ ଜାଗରୂକ ହୁଏ, ତେବେ ଆଦିବାସୀମାନେ ଆଦିବାସୀ ଆଖ୍ୟାଧରି ଏଭଳି ଅନୁନ୍ନତ ଅବସ୍ଥାରେ ରହି ପାରନ୍ତେ ନାହିଁ । ଆଜି ପର୍ଯ୍ୟନ୍ତ ଯାହା କିଛି ଉନ୍ନତି, ଆଦିବାସୀମାନଙ୍କ ମଧ୍ୟରେ ହୋଇଅଛି, ତାହା କେବଳ ମହାତ୍ମାଗାନ୍ଧୀ ଓ ପୂଣ୍ୟଶ୍ଳୋକ ଠକ୍କର ବାପ୍‌ପାଙ୍କ ଯୋଗୁ ସମ୍ଭବ ହୋଇ ପାରିଛି ।

ଆଜି ଆଦିବାସୀମାନଙ୍କର ମଙ୍ଗଳ କରିବାକୁ ଇଚ୍ଛାକଲେ, ସେମାନଙ୍କର ଅଭାବଗୁଡ଼ିକ ହୃଦୟଙ୍ଗମ କରିବା ଉଚିତ । ଅଭାବ ମୋଚନ ପାଇଁ ସରକାରଙ୍କ ସହିତ ଲାଗିବାକୁ ପଡ଼ିବ ଓ ସରକାର ଯାହା କରିବେ, ସେଥିରେ ଆନ୍ତରିକ ସହଯୋଗ କରିବା ଆବଶ୍ୟକ । ମୋଟା ମୋଟି ଦେଖିବାକୁ ଗଲେ ଆଦିବାସୀମାନଙ୍କର ପ୍ରଧାନ ଅଭାବ ହେଉଛି, ଉପଯୁକ୍ତ ବାସଗୃହ, ଉପଯୁକ୍ତ ବ୍ୟବସାୟ ପନ୍ଥା ଓ ଅନ୍ୟମାନଙ୍କ ସହିତ ତାଳ ପକାଇବା ଭଳି ଉପଯୁକ୍ତ ଶିକ୍ଷା । ସେ ଅଞ୍ଚଳକୁ ରାସ୍ତାଘାଟର ସୁବିଧା ନାହିଁ । ଉପରୋକ୍ତ ବିଷୟଗୁଡ଼ିକ ପ୍ରତି ପ୍ରଗାଢ଼ ଧ୍ୟାନ ଦେଲେ, ଆଦିବାସୀ-ମାନଙ୍କର ଆଶୁ ଉନ୍ନତି ଅବଶ୍ୟମ୍ଭାବୀ । ଉପଯୁକ୍ତ ଶିକ୍ଷା ଓ ସୁଯୋଗ ଲାଭ କଲେ, ବହୁ ସୁଯୋଗ୍ୟ ପୁରୁଷ ଆଦିବାସୀ ସମାଜରୁ ବାହାରି ପାରନ୍ତେ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଅତୀତରେ ବହୁ ଯୋଗ୍ୟ ବ୍ୟକ୍ତି ଥିଲେ ଓ ଏବେ ବି ଅଛନ୍ତି । ଅକର୍ଷିତ ଅବସ୍ଥାରେ ବହୁଦିନ ଧରି କ୍ଷେତ୍ର ପଡ଼ି ରହିବା ପରେ କର୍ଷିତ ହେଲେ ଯେପରି ଫଳ ଲାଭ ହୋଇଥାଏ ସେହିପରି ଆଦିବାସୀମାନେ

ଉପଯୁକ୍ତ ସୁଯୋଗର ଅଧିକାରୀ ହୋଇପାରନ୍ତେ, ମଣିଷ ସମାଜକୁ ଅପୂର୍ବ ଫଳ ଲାଭରେ ସାହାଯ୍ୟ କରିପାରିବେ ।

ଆଜି ସେହି ଆଦିବାସୀ ନରନାରୀମାନଙ୍କର ଦେହର ବଳ ଓ ମନର ବଳ କମ୍ ନୁହେଁ । ଆଧୁନିକ ସଭ୍ୟ ସମାଜକୁ ଗଢ଼ି ଉଠିବାରେ ତାଙ୍କର ଦାନ ଅତୁଳନୀୟ । ତାଙ୍କର ସଭ୍ୟତା ସ୍ୱତନ୍ତ୍ର । ସଭ୍ୟ ସମାଜ ତାଙ୍କଠାରୁ ବହୁ ଜିନିଷ ଆହରଣ କରିବାର ଅଛି । ତା ସଙ୍ଗେ ସଙ୍ଗେ ମୈତ୍ରୀ ଓ ପ୍ରୀତି ଭାବ ଆଣିବା ଦରକାର । ତେବେ ଯାଇ ପୃଥିବୀର ମନୁଷ୍ୟ ସମାଜ ଓ ଉଜ୍ଜ୍ୱଳ ଭବିଷ୍ୟତର ଆମେ ଅଧିକାରୀ ହୋଇପାରିବା ।

---

# ରୋହିଦାସଙ୍କ ବିଷୟରେ ପଦେ ଅଧେ

ଗୋପୀନାଥ ଶତପଥୀ

ଆଦିବାସୀ ଗବେଷଣାଗାର

ସଂଖ୍ୟାନ୍ୟୂନ 'ରୋହିଦାସ' ଜାତି ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ଦେଖାଯା'ନ୍ତି । ସେମାନେ ଚମଡ଼ା କାମ କରି ଜୀବିକା ନିର୍ବାହ କରନ୍ତି । ଏଣୁ ସ୍ଥାନୀୟ ଭାଷାରେ ସେମାନଙ୍କୁ ଚମାର କୁହାଯାଏ । ମାତ୍ର ସେମାନେ ପରସ୍ପରକୁ 'ରୋହିଦାସ' ବୋଲି ଡାକିବାରେ ବିଶେଷ ଆନନ୍ଦ ଅନୁଭବ କରନ୍ତି । ସେମାନଙ୍କର ଧାରଣା ଯେ, ସେମାନେ ଏ ସ୍ଥାନର ବାସିନ୍ଦା ନୁହନ୍ତି । ତାଙ୍କର ପ୍ରକୃତ ଘର ହେଉଛି ମଧ୍ୟପ୍ରଦେଶର 'ରୋହଟସ୍ ଗଡ଼' । ଖୁବ ନିକଟରେ ସେମାନେ ଏଠାକୁ ଆସିଛନ୍ତି ।

ଏମାନଙ୍କର ଜାତିଗତବ୍ୟବସାୟ, ଆୟ ଦୃଷ୍ଟିରୁ ସେତେ ସାହାଯ୍ୟକାରୀ ନୁହେଁ । ବର୍ଷକ ଚଳିବା ପାଇଁ ସେମାନଙ୍କୁ ଅନ୍ୟ ପ୍ରକାର ଧନ୍ଦାର ଆଶ୍ରୟ ନେବାକୁ ହୁଏ । ଏଣୁ କରି ଅନେକ କୃଷିବୃତ୍ତି କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଚମଡ଼ାରୁ ସେମାନେ ଦଉଡ଼ି (ନାହାଉଆ), ଅଧାଯୋତା (ପାଣ୍ଡେଇ), ପାଣିଥଳୀ (ପୁହୁରା), ଏବଂ ଖାପ (ଚିକୁନା) ତିଆରି କରନ୍ତି । କିଛିଦିନ ତଳେ ଏହି ଚମଡ଼ା ନିର୍ମିତ ପାଣିଥଳୀଗୁଡ଼ିକ ବଜାରରେ ବେଶ କଟୁଥିଲା । କାରଣ ଆଖୁ କିଆରୀରେ ପାଣି ଦେବାପାଇଁ କୃଷୀମାନେ ଏହାକୁ ବ୍ୟବହାର କରୁଥିଲେ । ମାତ୍ର ବର୍ତ୍ତମାନ ସେ ଅବସ୍ଥା ଆଉ ନାହିଁ । କିରୋସିନ ଟିଣର ବ୍ୟବହାର ହେତୁ, ବର୍ତ୍ତମାନ ପାଣିଥଳୀ କେହି ଖୋଜୁ ନାହାନ୍ତି । ଫଳରେ ରୋହିଦାସମାନେ ସେମାନଙ୍କର ରୋଜଗାର ପନ୍ଥା କ୍ରମଶଃ ହରାଉଛନ୍ତି ।

ସେମାନେ ସାଧାରଣତଃ ଏ କାର୍ଯ୍ୟପାଇଁ ଗୋରୁ ମଇଁଷି ପ୍ରଭୃତିଙ୍କର ଚମଡ଼ା ସଂଗ୍ରହ କରନ୍ତି । ଏ ଶ୍ରେଣୀର ଜନ୍ତୁଟିଏ ମରିଗଲେ, କୌଣସି ଜଣେ ରୋହିଦାସକୁ ଖବର ଦିଆଯାଏ । ସେ ମଲା ଜନ୍ତୁଟିକୁ ଗାଁର ବାହାରକୁ ନେଇଯାଇ ସେଠାରେ ତା ଦେହରୁ ଚମଡ଼ା ଉତାରି ଦିଏ । ତା'ପରେ ନିଜ ଘରକୁ ଆଣି ବ୍ୟବହାରଯୋଗ୍ୟ ଚମଡ଼ାରେ ପରିଣତ କରେ । ସେଥିପାଇଁ ସେମାନେ ଅତି ସାଧାସିଧା ପ୍ରଣାଳୀ ବ୍ୟବହାର କରନ୍ତି । ପ୍ରଥମେ ଚମଡ଼ାର ମାଂସ ଲାଗିଥିବା ପାଖରେ କିଛି ଲୁଣ ଦେଇ ଚମଡ଼ାଟିକୁ ଗୁଡ଼ାଇ ଦିଅନ୍ତି । ଏହି ଗୁଡ଼ା ହୋଇଥିବା ଚମଡ଼ାକୁ ଗୋଟିଏ ମାଟିପାତ୍ରସ୍ଥ ଚୂନ ପାଣିରେ ବୁଡ଼ାଇ ରଖନ୍ତି । ଏହିଭଳି ଅବସ୍ଥାରେ ମାସେ ଖଣ୍ଡେ ରଖାଯିବା ଦ୍ୱାରା ଚମଡ଼ାରେ ଥିବା ବାଳଗୁଡ଼ିକ ନଷ୍ଟ ହୋଇଯାଏ ଓ ଲାଗିଥିବା ମାଂସସବୁ ମିଳାଇଯାଏ । ତାପରେ ସେମାନେ ଏହି ଚମଡ଼ାକୁ ନେଇ ଅଁଳା ପତ୍ରରୁ ପ୍ରସ୍ତୁତ ଏକ ଦ୍ରବଣୀୟରେ କିଛିଦିନ ପାଇଁ ବୁଡ଼ାଇ ରଖନ୍ତି । କିଛିଦିନ ପରେ ସେଥିରୁ କାଢ଼ି ଚଉଡ଼ାଇ ମୁଣି ଆକାରରେ ପରିଣତ କରନ୍ତି ଓ ଚଉଡ଼ା ଥିବା ମୁଣାର ସ୍ୱର ପାଖରେ ଖଜୁରୀ ପତ୍ର ସିଲାଇ କରନ୍ତି । ଏହା ଫଳରେ ଏହା ଭିତରୁ ପାଣି ବୋହିଯାଇ ପାରେନାହିଁ ।

ତା'ପରେ ଏହି ମୁଣା ଭିତରେ କିଛି ସାହାଜ ଗଛର ଛେଲି, ଗୁଣ୍ଡ ଓ ପାଣି ଭର୍ତ୍ତିକରି ଖରା ସମସ୍ତରେ ଗଛ ଡାଳରେ ଝୁଲାଇ ଦିଅନ୍ତି । ଏହିପରି ଦୁଇ ତିନିଦିନ ଝୁଲାଇବାଦ୍ୱାରା ଚମଡ଼ାଟି ବିଭିନ୍ନ ରାସାୟନିକ ପ୍ରକ୍ରିୟା ହେତୁ ନରମ ହୋଇଯାଏ ଓ ଚମଡ଼ାର ରଙ୍ଗ ସାହାଜ ବକଲର ପ୍ରକ୍ରିୟା ହେତୁ ନାଲି ପଡ଼ିଯାଏ । ଏହି ନରମ ଚମଡାରୁ ଯୋତା, ପାଣିଥଳୀ ପ୍ରଭୃତି ସେମାନେ ପ୍ରସ୍ତୁତ କରନ୍ତି ।

ଏହି ପ୍ରକାର ଜିନଷଗୁଡ଼ିକ ପାଇଁ 'ରୋହିଦାସ' ସାଧାରଣତଃ ପଇସା ପାଏନାହିଁ । ପ୍ରଚଳିତ ପ୍ରଥାନୁସାରେ, ଯାହାର ଗୋରୁ ପ୍ରଭୃତି ମରିଯାଏ ସେ ତାର ଲାଗୁଆ ଚମାରକୁ ଡାକେ । ପ୍ରତ୍ୟେକ ପରିବାରର ଧରାବନ୍ଧା ଚମାର ବହୁଦିନରୁ ରହି ଆସିଥାନ୍ତି । ସେ ଚମଡ଼ା ଉତାରିନିଏ ଓ ଗୋରୁର ମୁନିବକୁ ତା ବଦଳରେ ହଳେ ଯୋତା ଦିଏ । ଏଥିପାଇଁ ୫ । ୬ସେର ଧାନ ଚମାର ପାଏ । ବେଳେ ବେଳେ ଗୋରୁର ମୁନିବ ଜୋତା ନମାଗି ଅନ୍ୟ ଜିନିଷ ପାଇଁ ବରାଦ କରେ । ସେ ସ୍ଥଳରେ ଚମାର ମଧ୍ୟ ତାହା ଯୋଗାଏ । କିନ୍ତୁ ଯଦି କାହାର ନୂଆ ଯୋତାହଳେ ଦରକାର ପଡ଼େ, ତେବେ ସେ ଦଶ ବା ବାର ସେର ଧାନ ଦେଇ ଚମାରଠାରୁ ଯୋତା କିଣେ ।

ଅନ୍ୟ ଜାତିମାନଙ୍କ ଭଳି, ଏମାନଙ୍କର ମଧ୍ୟ ଭିନ୍ନ ଭିନ୍ନ ମାସରେ ଭିନ୍ନ ଭିନ୍ନ ପର୍ବ ପାଳନ କରାଯାଏ ।

| ମାସର ନାମ | ପର୍ବର ନାମ ଓ ସଂକ୍ଷିପ୍ତ ବିବରଣୀ |
|---|---|
| ୧ । ବୈଶାଖ | ଅକ୍ଷୟ ତୃତୀୟା । |
| ୨ । ଜ୍ୟୈଷ୍ଠ | କିଛିନାହିଁ । |
| ୩ । ଆଷାଢ଼ | ରଥଯାତ୍ରା । ସେମାନେ ରଥ ଟାଣନ୍ତି ନାହିଁ । ଏ ଉତ୍ସବରେ ସମସ୍ତେ ନୂଆଲୁଗା ପିନ୍ଧନ୍ତି । |
| ୪ । ଶ୍ରାବଣ | ରାକ୍ଷୀ ପୂର୍ଣ୍ଣିମା । ଏହି ପର୍ବରେ ଗୋରୁମାନଙ୍କୁ ଗାଧୋଇ ଦିଆଯାଏ । ଶିଙ୍ଗରେ ତେଲ ଲଗାଇ ଦିଆଯାଏ । ମହୁଲ, ଲୁଣ ଖାଇବାକୁ ଦିଆଯାଏ । ମୃତ ପୂର୍ବ ପୁରୁଷମାନଙ୍କୁ ଭୋଗ ଦିଆଯାଏ । |
| ୫ । ଭାଦ୍ରବ | ନୂଆଖିଆ । |
| ୬ । ଦଶରା | (୧) କୃଷ୍ଣ ପକ୍ଷରେ ମୃତବ୍ୟକ୍ତି ଓ ତାର ପୂର୍ବପୁରୁଷଙ୍କୁ ଭୋଗ ଦିଆଯାଏ ।<br>(୨) ପୁଅଜିଅନ୍ତିଆ—ପିଲାମାନଙ୍କର ମଙ୍ଗଳପାଇଁ ମା'ମାନେ ପାଳନ୍ତି ।<br>(୩) ଭେଇଜିଅନ୍ତିଆ —ଅବିବାହିତ ଝିଅମାନେ ଭାଇମାନଙ୍କ ପାଇଁ ପାଳନ କରନ୍ତି । |
| ୭ । କାର୍ତ୍ତିକ | ଏ ମାସଟି ଧର୍ମ ମାସ ନାମରେ ଜଣା । ପୂର୍ଣ୍ଣିମାଦିନ ଧର୍ମ ପୁସ୍ତକ ପଢ଼ାଯାଏ । |

| | |
|---|---|
| ୮ । ମାର୍ଗଶିର | ମାସର ପ୍ରତି ଗୁରୁବାର ଦିନ ଲକ୍ଷ୍ମୀଠାକୁରାଣୀଙ୍କୁ ପୂଜା କରାଯାଏ । |
| ୯ । ପୁଷ | କିଛିନାହିଁ । |
| ୧୦ । ମାଘ | କିଛିନାହିଁ । |
| ୧୧ । ଫଗୁଣ | ମହୁଲ, ଆମ୍ବ ଓ ଗୁରା ପ୍ରଭୃତି ମୃତ ବ୍ୟକ୍ତିମାନଙ୍କୁ ଭୋଗ ଦିଆଯାଏ । |
| ୧୨ । ଚୈତ୍ର | କିଛିନାହିଁ । |

ଅନ୍ୟମାନଙ୍କ ଭଳି ଏହି ରୋହିଦାସମାନଙ୍କର ପିଲାଜନ୍ମ ବିଧି, ବାହାଘର ପଦ୍ଧତି ଓ ଶୁଦ୍ଧି-କ୍ରିୟା ଉଲ୍ଲେଖଯୋଗ୍ୟ ।

ସାଧାରଣତଃ ଗର୍ଭିଣୀ ସ୍ତ୍ରୀକୁ ଘର ମଧ୍ୟସ୍ଥ ଏକ କୋଠରୀରେ ପ୍ରସବ କରିବାକୁ ସୁବିଧା ଦିଆ-ହୁଏ । ଜଣେ ଧାଈ ସ୍ତ୍ରୀ ଲୋକଟିକୁ ସାହାଯ୍ୟ କରେ । ଏହି ଧାଈକୁ 'ସୁଇନୀ' କହନ୍ତି । ନାହିଟି ମୂଳରୁ ଚାରିଇଞ୍ଚି ଛାଡ଼ି କଟାଯାଏ । ପିଲାଜନ୍ମ ହୋଇଥିବା କୋଠରୀମଧ୍ୟରେ ଏସବୁ ପୋତି ଦିଆଯାଏ । ଛଅଦିନ ଘରଟି ନିର୍ମଳ ଭାବେ ସଫାକରି ଉତ୍ସବ ପାଳନ କରାଯାଏ । ଗାଁର ଜାତିଭାଇମାନଙ୍କୁ ଏହି ଉତ୍ସବକୁ ନିମନ୍ତ୍ରଣ କରାଯାଏ । ଏହି ଉତ୍ସବ ଦିନ ପିଲାଟିକୁ ଲଙ୍ଗଳା କରିଦିଆଯାଏ । ଏହାକୁ ଉଠିଆରି କହନ୍ତି । ଏମାନଙ୍କ ସମାଜରେ ପିଲାର ନାମକରଣ ହେବାପାଇଁ କୌଣସି ନିର୍ଦ୍ଦିଷ୍ଟ ଦିନ ନାହିଁ । ପିଲାର ବାପ ବ୍ରାହ୍ମଣ ପାଖକୁ ଯାଇ ପିଲାର ଉପଯୁକ୍ତ ନାମ ସ୍ଥିର କରେ । ବ୍ରାହ୍ମଣ ଦିନ, ସମସ୍ତ ଗଣନା କରି ପିଲାଟିର ନାମ ସ୍ଥିର କରେ ଓ ସେହି ଅନୁସାରେ ପିଲାର ନାମକରଣ ହୁଏ ।

ଏମାନଙ୍କ ମଧ୍ୟରେ ପିଲା କନ୍ୟା ବିବାହ ପ୍ରଚଳିତ ଅଛି । ତିନି ବର୍ଷରୁ ଦଶ ବର୍ଷ ମଧ୍ୟରେ ସାଧାରଣତଃ ବାହାଘର କରାଯାଏ । ଝିଅମାନଙ୍କୁ ଘରଯୋଗ୍ୟ ହେବା ବୟସ ପର୍ଯ୍ୟନ୍ତ ଅବିବାହିତା ଅବସ୍ଥାରେ ରହିବାକୁ ଛାଡ଼ି ଦିଆଯାଏ ନାହିଁ । ଏ ବିଷୟରେ ଗୋଟିଏ କୌତୂହଳପ୍ରଦ କଥା ଶୁଣିବାକୁ ଓ ଦେଖିବାକୁ ମିଳେ; ଯଥା—କୌଣସି ଅସୁବିଧା କିମ୍ବା ଉପଯୁକ୍ତ ବର ନ ମିଳିବା ହେତୁ କୌଣସି ଝିଅର ବାହାଘର ଯଦି ଡେରି ହୋଇଯାଏ, ତେବେ ତାର ଅଭିଭାବକମାନେ ଘର-ଯୋଗ୍ୟ ହେବା ପୂର୍ବରୁ ଗୋଟିଏ ଫୁଲ ବା ଶର ବା ମହୁଲ ଗଛ ସହିତ ତାକୁ ବିବାହ କରି ଦିଅନ୍ତି । କାରଣ ଡେରିରେ ବିଭାହେବାଟା ଏମାନଙ୍କ ସମାଜରେ ଅତି ଘୃଣ୍ୟ ବିଷୟ । ବର ଘରଠାରେ ବାହା-ଘର ହୁଏ ଓ ବାହାଘର ବାସିଦିନ କନ୍ୟା ନିଜ ଗ୍ରାମକୁ ଫେରିଆସେ । ଘରଯୋଗ୍ୟ ହେବା ପର୍ଯ୍ୟନ୍ତ ନିଜ ବାପଘରେ ସେ ରହେ । ଏମାନଙ୍କ ସମାଜରେ କନ୍ୟାମୂଲ୍ୟ ପ୍ରଥା ମଧ୍ୟ ପ୍ରଚଳନ ଅଛି । ସାଧାରଣତଃ କନ୍ୟା ମୂଲ୍ୟ ଟ୧୫୦୦ରୁ ଟ୩୦୦୦ ମଧ୍ୟରେ ସୀମାବଦ୍ଧ । ସ୍ତ୍ରୀ ଯଦି କଳିହୁଡ଼ୀ ବା ଦୁଷ୍ଟା ପ୍ରକୃତିର ହେବାରୁ ସ୍ୱାମୀ ତାକୁ ତ୍ୟାଗ କରିବାକୁ ଇଚ୍ଛା କରେ, ତେବେ ଉକ୍ତ ବିଷୟଟି ଜାତିଆଣ ସଭାରେ ପଞ୍ଚ ସାବ୍ୟସ୍ତ ହେବାର କଥା । ସଭାର ବିଚାରକମାନେ ଯଦି ସ୍ୱାମୀର କଥାରେ ରାଜି ହୁଅନ୍ତି, ତେବେ କନ୍ୟାର ବାପଠାରୁ ସ୍ୱାମୀ କନ୍ୟାମୂଲ୍ୟ ଫେରି ପାଇବାକୁ ହକଦାର ହୁଏ । କିନ୍ତୁ ନିର୍ଦ୍ଧାର୍ଯ୍ୟ ଭାବେ କନ୍ୟାମୂଲ୍ୟ ଫେରାଇବା କଥା ସ୍ଥିର ହେଲା ପୂର୍ବରୁ ସେମାନଙ୍କର ସନ୍ତାନ ସନ୍ତତି କଥା ମଧ୍ୟ ବିଚାରକୁ ନିଆଯାଏ । କୌଣସି ସନ୍ତାନ ସନ୍ତତି ନ ଥିଲେ, ସାଧାରଣତଃ କନ୍ୟାମୂଲ୍ୟ ସ୍ୱାମୀ ଫେରିପାଏ । ଏମାନଙ୍କ ମଧ୍ୟରେ ପ୍ରଚଳିତ ବାହାଘରକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଥାଏ ।

(୧) ସାନଭାଇ ଓ ବଡ଼ଭାଇର ବିଧବା ସ୍ତ୍ରୀ (ଦିଅର ଓ ଭାଉଜ) (୨) ଜଣେ ଲୋକ ଓ ତାର ସ୍ତ୍ରୀର ସାନଭଉଣୀ (ଭିଣୋଇ ଓ ଶାଳୀ) (୩) ମାମୁଁ ଝିଅ ଭଉଣୀ ପ୍ରଭୃତି ଏହି ବିଭାଘର ଚଳେ । ଏପରିକି ସ୍ତ୍ରୀ ବଞ୍ଚିଥିଲା ବେଳେ ଅନେକେ ଶାଳୀକୁ ବିଭା ହୋଇଥାନ୍ତି ।

ସେମାନେ ମୃତ ବ୍ୟକ୍ତିକୁ ପୋତନ୍ତି । ପୋଡ଼ିବା ସେମାନଙ୍କ ସମାଜରେ ପ୍ରଚଳନ ନାହିଁ । ତିନିଦିନ ଭିତରୁ ସେହି ବଂଶର ଜଣେ କେହି ମୃତ ବ୍ୟକ୍ତି ପରିବାରର ସମସ୍ତଙ୍କୁ ଖିଅର କରିଦିଏ ଓ ମାଛ ଭାତ ରୋଷାଇ କରି ଖାଇବାକୁ ଦିଏ । ଦଶଦିନ ସମସ୍ତ ବନ୍ଧୁବାନ୍ଧବ ନିମନ୍ତ୍ରିତ ହୁଅନ୍ତି ଓ ମୃତ ବ୍ୟକ୍ତିର ନିଜଲୋକେ ଘର ଧୂଆଧୋଇ କରି ଶୌଚ ହୁଅନ୍ତି । ଏହି ଉତ୍ସବରେ ଉପସ୍ଥିତ ଥିବା ସମସ୍ତ ଲୋକ ଖିଅର ହୁଅନ୍ତି, ଗାଧୁଅନ୍ତି ଓ ନିଜକୁ ଶୌଚ କରନ୍ତି । ଏହି ସମ୍ପର୍କରେ ଗୋଟିଏ ଭୋଜିର ଆୟୋଜନ କରାଯାଏ ଓ ସମସ୍ତେ ଏଥିରେ ଯୋଗ ଦିଅନ୍ତି ।

ଦଶଦିନ ରାତିରେ ମୃତ ବ୍ୟକ୍ତିର ଆତ୍ମାକୁ ଆହ୍ୱାନ କରିବା ଏମାନଙ୍କର ବିଧି । ଏ ଦିନ କିଛି ଗୁଣ୍ଡିଲ ଚୂନା ଏକ ଘର ଭିତରେ ବିଞ୍ଚିଦେଇ ଦୁଆର ବନ୍ଦ କରିଦିଅନ୍ତି । ମୃତବ୍ୟକ୍ତି ପରିବାରର କେତେକ ଲୋକ ରାତିରେ ଗୋଟିଏ ପିତଳକୁ ଲୁହାଦ୍ୱାରା ବାଡ଼େଇ ବାଡ଼େଇ ବୁଲନ୍ତି ଓ ଆତ୍ମାକୁ ଫେରିଆସିବାକୁ ଆହ୍ୱାନ କରନ୍ତି । ପରଦିନ ସକାଳୁ ଗୁଣ୍ଡିଲ ବିଞ୍ଚାଯାଇଥିବା ଘର ଭିତରଟି ନିରୀକ୍ଷଣ କରନ୍ତି । କାରଣ ସେମାନଙ୍କର ଦୃଢ଼ ଧାରଣା ଯେ ଯଦି ଆତ୍ମା ଆସେ, ତେବେ ଆତ୍ମାର ଗତିପଥ ଭୂମି ଉପରସ୍ଥ ଗୁଣ୍ଡିଲ ଚୂନା ଉପରେ ଭଲ ଭାବରେ ଜାଣିହେବ । ତେଣୁ ନିରୀକ୍ଷଣ କଲାବେଳେ ସେମାନେ ଦେଖନ୍ତି ଆତ୍ମା ଆସିଛି ନା ନାହିଁ ।

ପର୍ଯ୍ୟବେକ୍ଷଣ ଫଳରେ ଦେଖାଯାଇଛି ଯେ ଏମାନଙ୍କର ଭାଷା ଓ ଏମାନଙ୍କ ସହିତ ଏକାଠି ରହିଥିବା ଅଗରିଆ, ଗୌର, ମାଳି, ଭୂଲିଆମାନଙ୍କର ଭାଷା ମଧ୍ୟରେ କିଛି ପାର୍ଥକ୍ୟ ନାହିଁ । ଉକ୍ତ ଜାତିର ଲୋକମାନେ 'ଲରିଆ' ଭାଷା ବ୍ୟବହାର କରନ୍ତି ଓ ସେମାନେ ମଧ୍ୟ-ପ୍ରଦେଶରୁ ଓଡ଼ିଶାକୁ ଆସିଛନ୍ତି । ଏମାନେ ଏଠାକାର ବ୍ରାହ୍ମଣ, ତେଲି, ଗଣ୍ଡ ଓ ଭୂୟାଁମାନଙ୍କ ଭଳି ଏ ସ୍ଥାନର ପୁରାତନ ବାସିନ୍ଦା ନୁହଁନ୍ତି । ଲରିଆ ଭାଷା କହୁଥିବା ଲୋକମାନଙ୍କର ପୋଷାକ ପିନ୍ଧିବାର ଢଙ୍ଗରଙ୍ଗ ପ୍ରାୟ ଏକପ୍ରକାର । ସେମାନେ ଲୁଗା ପିନ୍ଧିବା ବେଳେ ଏପରି ଭାବେ ପିନ୍ଧନ୍ତିଯେ ଯଦ୍ଦ୍ୱାରା କି ଗୋଟିଏ କାନି ଡାହାଣ କାନ୍ଧରେ ପଡ଼ିପାରିବ ।

ସେମାନଙ୍କର ବନ୍ଧୁବାନ୍ଧବମାନଙ୍କୁ ସେମାନେ ତାଙ୍କ ଭାଷାରେ ଯାହାକି ସମ୍ବୋଧନ କରନ୍ତି ତାହାର କେତେକ ଉଦାହରଣ ଏଠାରେ ଦିଆଗଲା ।

| ସମ୍ପର୍କ | | | ବ୍ୟବହାର ହେଉଥିବା ପଦ (ତାଙ୍କ ଭାଷାରେ) |
|---|---|---|---|
| ବାପା | ... | ... | ବୁଆ |
| ମା | ... | ... | ମା |
| ବାପର ବାପ | ... | ... | ଅଜା |

| ସମ୍ପର୍କ | ବ୍ୟବହାର ହେଉଥିବା ପଦ (ତାଙ୍କ ଭାଷାରେ) |
|---|---|
| ବାପର ବାପର ବାପ ... ... | ବାଦୁ |
| ବାପର ମା ... ... | ଆଈ |
| ବାପର ବାପର ମା ... ... | ବାଦୀ |
| ମାର ବାପ ... ... | ଅଜା |
| ମାର ମା ... ... | ଆଈ |
| ମାର ବାପର ବାପା ... ... | ବାଦୁ |
| ମାର ବାପର ମା ... ... | ବାଦୀ |
| ବାପର ବଡ଼ଭାଇ ... ... | ବାଦୁ |
| ବାପର ସାନଭାଇ ... ... | କାକା |
| ବାପର ବଡ଼ଭାଇର ସ୍ତ୍ରୀ ... ... | ବାଦୀ |
| ବାପର ସାନଭାଇର ସ୍ତ୍ରୀ ... ... | କାକୀ |
| ବାପର ବଡ଼ ଭଉଣୀ ... ... | ଫୁଫୁ |
| ବାପର ସାନ ଭଉଣୀ ... ... | ଫୁଫୁ |
| ବାପର ବଡ଼ ଭଉଣୀର ସ୍ୱାମୀ ... ... | ଫୁଫା |
| ବାପର ସାନଭଉଣୀର ସ୍ୱାମୀ ... ... | ଫୁଫା |
| ମାର ବଡ଼ ଭାଇ ... ... | ମାନଆ |
| ମାର ସାନଭାଇ ... ... | ମାମା |
| ମାର ବଡ଼ ଭାଇର ସ୍ତ୍ରୀ ... ... | ମାମୀ |
| ମାର ସାନ ଭାଇର ସ୍ତ୍ରୀ ... ... | ମାମୀ |
| ମାର ବଡ଼ ଭଉଣୀ ... ... | ବାଦୀ |
| ମାର ସାନ ଭଉଣୀ ... ... | ମୁସୀ |
| ମାର ବଡ଼ ଭଉଣୀର ସ୍ୱାମୀ ... ... | ବାଦୁ |
| ମାର ସାନଭଉଣୀର ସ୍ୱାମୀ ... ... | ମୁସୁ |
| ପୁଅ ... ... | ବେଟା (ବାବୁ) |
| ଝିଅ ... ... | ବେଟୀ |
| ପୁଅର ସ୍ତ୍ରୀ ... ... | ବୋହୋ |
| ଝିଅର ସ୍ୱାମୀ ... ... | ଦାମଦ |
| ପୁଅ ସ୍ତ୍ରୀର ବାପା ... ... | ସମଦୀ |
| ଝିଅ ସ୍ୱାମୀର ବାପା ... ... | ସମଦୀ |
| ମାର ଭାଇର ବଡ଼ ପୁଅ ... ... | ଦାଦା |
| ମାର ଭାଇର ସାନପୁଅ ... ... | ଭାଇ |
| ମାର ଭାଇର ବଡ଼ଝିଅ ... ... | ବାଇ |
| ମାର ଭାଇର ସାନଝିଅ ... ... | ନାନୀ |
| ବାପର ଭଉଣୀର ବଡ଼ପୁଅ ... ... | ଭାଇ |

| ସମ୍ପର୍କ | | | ବ୍ୟବହାର ହେଉଥିବା ପଦ (ତାଙ୍କ ଭାଷାରେ) |
|---|---|---|---|
| ବାପର ଭଉଣୀର ବଡ଼ଝିଅ | ... | ... | ନାଙ୍ଗୁ |
| ପୁଅର ପୁଅ | ... | ... | ନାଲି |
| ପୁଅର ପୁଅର ସ୍ତ୍ରୀ | ... | ... | ନାଟେନ |
| ପୁଅର ଝିଅ | ... | ... | ନାଟେନ |
| ପୁଅର ପୁଅର ପୁଅ | ... | ... | ବାଦୁ |
| ପୁଅର ପୁଅର ଝିଅ | ... | ... | ବାଦୁ |
| ପୁଅର ପୁଅର ପୁଅର ସ୍ତ୍ରୀ | ... | ... | ବାଦ |
| ପୁଅର ପୁଅର ଝିଅର ସ୍ୱାମୀ | ... | ... | ବାଦୁ |

ଘୋହ୍ଦାସମାନଙ୍କ ମଧ୍ୟରେ ଛଅ ସାତଟି ସାଙ୍ଗିଆ ବ୍ୟବହାର ହୁଏ; ଯଥା:—ହଗର, ମିର, ଧେଉଆ, ଅଉଡ଼ିଲ, ତେଣ୍ଡିଆ, ରାଜବେଶ୍ରା ଓ ଅଜାଗଲା ପ୍ରଭୃତି । ଉକ୍ତ ସାଙ୍ଗିଆମାନଙ୍କ ବ୍ୟତୀତ ଘୋହ୍ଦାସମାନେ ଅସମର୍ଥ ବା ରୋଗୀ ଓ ବାସନ୍ଦ ହୋଇଥିବା ଲୋକମାନଙ୍କ ପ୍ରତି ଅନ୍ୟ ଏକ ପ୍ରକାର ସାଙ୍ଗିଆ ବ୍ୟବହାର କରନ୍ତି । କୌଣସି କାରଣରୁ ଅସମର୍ଥ ହୋଇଥିବା ଲୋକକୁ ସେମାନେ ସୁନୁଆମୀ ଓ ଜାତିରୁ ତଡ଼ାଖାଇଥିବା ଲୋକକୁ ମଗସୁନୁଆମୀ ବୋଲି କହନ୍ତି । ବିଭାଘରରେ ଏହି ସାଙ୍ଗିଆଗୁଡ଼ିକର ବିଶେଷ ପ୍ରାଧାନ୍ୟ ଅଛି । ଏକ ସାଙ୍ଗିଆର ଲୋକ ନିଜ ନିଜ ଭିତରେ ବିବାହ କରନ୍ତି ନାହିଁ ; କିନ୍ତୁ ଏକ ଜାତି ଭିତରେ ବିଭାଘର ଚଳେ । ବିବାହ ପରେ ସ୍ୱାମୀ ଗ୍ରାମରେ ସ୍ତ୍ରୀ ଆସି ରହେ ।

ସେମାନେ ଅସ୍ପୃଶ୍ୟ ଓ ଅଲଗା ହୋଇ ଗ୍ରାମରେ ବାସ କରନ୍ତି । ତାଙ୍କର ଘରଗୁଡ଼ିକ ଗ୍ରାମର ଅନ୍ୟଜାତି ବା ଗୋଷ୍ଠୀଙ୍କର ଘର ସହ ଲାଗେ ନାହିଁ । ସେମାନେ ଗୌଡ଼, ଅଘରିଆ, ଭୂୟାଁ, ବ୍ରାହ୍ମଣ, ଗୌର ଓ କରଣ ଜାତିର ଲୋକଙ୍କଠାରୁ ଖାଦ୍ୟ ଗ୍ରହଣ କରନ୍ତି ।

# ‘କୋୟା’ର ସାମାଜିକ ଜୀବନ

ଭୁବନାନନ୍ଦ ମିଶ୍ର
ପ୍ରଧାନଶିକ୍ଷକ ଗଂଗାଲୁଣ୍ଡା ଆଶ୍ରମସ୍କୁଲ, କୋରାପୁଟ

ଆମ ଓଡ଼ିଶାରେ କନ୍ଧ, କୋହ୍ଲ, ଭୂୟାଁ, ସାନ୍ତାଳ, ସଉରା, ଗାଦବା ପ୍ରଭୃତି ଅନେକ ପ୍ରକାର ଆଦିବାସୀ ଅଛନ୍ତି । ‘କୋୟା’ ଏମାନଙ୍କ ମଧ୍ୟରୁ ଅନ୍ୟତମ । ଏମାନେ କେବଳ ଓଡ଼ିଶାର କୋରାପୁଟ ଜିଲ୍ଲା ଅନ୍ତର୍ଗତ ମାଲକାନଗିରି ତାଲୁକରେ ବାସ କରନ୍ତି । ମାଲକାନଗିରି ତାଲୁକାର ଚାରିଗୋଟି ଥାନା ମଧ୍ୟରୁ ମାଥିଲି ଥାନାଟି ବାଦ୍ ଦେଲେ ଅନ୍ୟ ତିନୋଟି ଥାନାର ଅଧିକାଂଶ ଅଧିବାସୀ ଉକ୍ତ ଶ୍ରେଣୀଭୁକ୍ତ ।

ଏମାନଙ୍କର ରୀତିନୀତି କେତେକାଂଶରେ ଅନ୍ୟାନ୍ୟ ଆଦିବାସୀମାନଙ୍କଠାରୁ ପୃଥକ । ‘କୋୟା’ମାନେ ନିଜର ମାତୃଭାଷା ବ୍ୟତୀତ ଅନ୍ୟ କିଛି ଭାଷା ଜାଣି ନ ଥିଲେ । ବର୍ତ୍ତମାନ ମଧ୍ୟ ଖୁବ୍ ଅଳ୍ପଲୋକଙ୍କୁ ଛାଡ଼ିଦେଲେ ଅନ୍ୟମାନେ ସେମାନଙ୍କର ଭାଷାବ୍ୟତୀତ ଅନ୍ୟ ଭାଷାରେ କଥାବାର୍ତ୍ତା କରିପାରିବେ ନାହିଁ । ଶିକ୍ଷାଦୀକ୍ଷା କିଛି ନ ପାଇଥିଲେ ମଧ୍ୟ ଏମାନେ ଏକ ପ୍ରକାର ଶୃଙ୍ଖଳିତ ଜୀବନ ଯାପନ କରନ୍ତି ଏବଂ ପରସ୍ପର ମଧ୍ୟରେ ଯଥେଷ୍ଟ ଶ୍ରଦ୍ଧା ଓ ସହାନୁଭୂତି ରଖିଥାନ୍ତି ।

କେତେଗୁଡ଼ିଏ ପରିବାର ଗୋଟିଏ ଗ୍ରାମରେ ବାସକରନ୍ତି । ଘରଗୁଡ଼ିକ ଇତସ୍ତତ ଭାବରେ ଥାଏ । ଗ୍ରାମ ମଝିରେ ଚାରିଆଡ଼ ବଡ଼ ଅପରିଷ୍କାର ହୋଇଥାଏ । ଘରଗୁଡ଼ିକର ଅବସ୍ଥା ମଧ୍ୟ ତଦ୍ରୂପ । ଯଥେଷ୍ଟ ଯାଗା ଥିଲେ ମଧ୍ୟ ଏମାନେ ଖଣ୍ଡିଏ ଖଣ୍ଡିଏ ଘରକରି ତାରି ମଧ୍ୟରେ ପୁଅ, ଝିଅ, ବାପ, ମା ସମସ୍ତେ ରହନ୍ତି । ଗୋରୁ, ଛେଳି, କୁକୁଡ଼ା ପ୍ରଭୃତି ଗୃହପାଳିତ ପଶୁମାନେ ମଧ୍ୟ ସେହି ଘରେ ରହନ୍ତି । ଏଣୁ ଘରଗୁଡ଼ିକ ସବୁବେଳେ ଅସ୍ୱାସ୍ଥ୍ୟକର ଓ ଅପରିଷ୍କାର ରହେ ।

ଗ୍ରାମମଧ୍ୟରେ ଜଣେ ମୁଖିଆ ଲୋକ ଥାଏ । ତାକୁ ଏମାନେ ‘ପେଦା’ ବୋଲି କହନ୍ତି । ସେ ଏକ ପ୍ରକାର ଗାଁର ସର୍ବେସର୍ବା । ତାର ଅନୁମତି ନ ନେଇ ପ୍ରାୟ କୌଣସି କାମ କରାଯାଏ ନାହିଁ । ଗ୍ରାମର ସମସ୍ତ କଳିଗୋଳ ସେ ମୀମାଂସା କରେ । ଗ୍ରାମର ସବୁଲୋକେ ତା କଥା ମାନିବାକୁ ବାଧ୍ୟ । ସେ ସବୁଲୋକମାନଙ୍କଠାରୁ କର ଅସୁଲ୍ କରି ସରକାରଙ୍କୁ ଦିଏ । ଗ୍ରାମକୁ କୌଣସି ହାକିମ ହୁକୁମା ଆସିଲେ ସେମାନଙ୍କର ଖବର ବୁଝେ । ପେଦା ଲୋକମାନଙ୍କୁ ଯଦି କୌଣସି କାମ କରିବା ପାଇଁ ଆଦେଶ ଦିଏ, ସେମାନଙ୍କର ଯେତେ ଜରୁରୀ କାମ ଥିଲେ ମଧ୍ୟ ତାହା ବନ୍ଦରଖି ପେଦାର କଥା

ମାନନ୍ତି ଏବଂ କୌଣସି ଆପତ୍ତି କରନ୍ତି ନାହିଁ । ମାତ୍ର ବର୍ଷକେ ଗୋଟିଏ ଦିନ ସେମାନେ (ଗ୍ରାମବାସୀମାନେ) ଏକାଠି ବସନ୍ତି । ସେହିଦିନକୁ 'ପେଦା ଗୁଡ଼ାମ୍' କହନ୍ତି । ଲୋକମାନଙ୍କର ସୁବିଧା ଅନୁସାରେ ଏ ଦିନଟି ଠିକ୍ ହୁଏ । ସେଦିନ ପେଦାନାମରେ ଗ୍ରାମବାସୀମାନେ ଯେ ଯାହାର ଅଭିଯୋଗ ଆଣନ୍ତି । ପେଦା କିଛି ନ କହି ସେ ସବୁ ଶୁଣେ ଏବଂ ତଦନୁଯାୟୀ ନିଜକୁ ସଂଶୋଧନ କରି କାମ ଚଳାଏ ।

ଏମାନେ ଭୂତପ୍ରେତ ବିଶେଷ ବିଶ୍ୱାସ କରନ୍ତି । ଯଦି କାହାକୁ ଜ୍ୱରରୋଗ ହେଲା ତେବେ ସେମାନେ ଭାବନ୍ତି ଯେ ତାକୁ ଦେବତା ଲାଗିଛି । ଏଣୁ ସେମାନେ ଔଷଧପତ୍ର ନ ଦେଇ କୁକୁଡ଼ା ଇତ୍ୟାଦି ଆଣି ପୂଜା କରନ୍ତି । ଏ ପୂଜାକୁ ଜଣେ ଗୁଣିଆଦ୍ୱାରା କରାଯାଏ । ଗୁଣିଆମାନଙ୍କୁ 'ଓ୍ୱାଡ଼େ' କହନ୍ତି । ପ୍ରାୟ ଅଧିକାଂଶ ଗ୍ରାମରେ ଜଣେ ଦୁଇଜଣ 'ଓ୍ୱାଡ଼େ' ଥାଆନ୍ତି । ଯଦି କୌଣସି ଲୋକକୁ ଜ୍ୱର ଇତ୍ୟାଦି ହୁଏ ଏବଂ ଶୀଘ୍ର ଆରୋଗ୍ୟ ହୁଏ ନାହିଁ ତେବେ ଏମାନେ ଭାବନ୍ତି ଯେ ତାର କୌଣସି ଶତ୍ରୁ ମନ୍ତ୍ରଦ୍ୱାରା ଏହା କରିଛି । ଯେ ଏପରି କରିଥିବାର ସନ୍ଦେହ କରାଯାଏ ତା ପକ୍ଷ ଦୁର୍ବଳ ଥିଲେ ଏମାନେ ସମୟେ ସମୟେ ତାକୁ ମାରି ଦିଅନ୍ତି ।

ଏମାନେ ବଡ଼ ପରିଶ୍ରମ କାତର ଏବଂ ଶିକାର ପ୍ରିୟ । ପଇସାପାଇଁ ଆଦୌ ଏମାନଙ୍କର ଲୋଭ ନଥାଏ । ବୃଥାରେ ଧନୁଶରଧରି ଜଙ୍ଗଲରେ ବୁଲୁଥାଆନ୍ତି; ମାତ୍ର ମଜୁରୀନେଇ କାମକରିବାକୁ ଡାକଲେ ଆସନ୍ତି ନାହିଁ । ଗୋଟିଏ ମୂଷା ମାରିବାପାଇଁ ଶହଶହ ଲୋକ ଖରାବର୍ଷା ନ ମାନି ଜଙ୍ଗଲରେ ବୁଲୁଥାଆନ୍ତି । ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀ ଲୋକମାନେ ବେଶୀ କାମ କରନ୍ତି ।

ଆମ ହିନ୍ଦୁ ମାନଙ୍କଭଳି 'କୋୟା'ମାନଙ୍କ ମଧ୍ୟରେ ପାଞ୍ଚ ପ୍ରକାର'ଉପଜାତି ଅଛନ୍ତି; ଯଥା:— ମାଡ଼କାମି, ପଡ଼ିଆମି, ସୋଡ଼ି, ମାଡ଼ି ଓ କବାସୀ । ପ୍ରତ୍ୟେକଙ୍କର ଗୋତ୍ର ଅଲଗା । ଏକ ଗୋତ୍ର ମଧ୍ୟରେ ଏମାନଙ୍କର ବିବାହ ହୁଏ ନାହିଁ । ମାଡ଼ିମାନଙ୍କର ଗୋତ୍ର ଛେଳି । ଏଣୁ ଏମାନେ ଛେଳି ଖାଆନ୍ତି ନାହିଁ । ମାତ୍ର ମାଡ଼ିଘରର ଝିଅ ଯଦି ପଡ଼ିଆମି କିମ୍ବା କବାସୀ ଘରେ ବିବାହ କରେ, ତେବେ ସେ ଛେଳି ଖାଏ । ଘୁଷୁରି ଏମାନଙ୍କର ବଡ଼ ପ୍ରିୟ ଖାଦ୍ୟ । ସବୁ ପର୍ବ ପର୍ବାଣିରେ ଏମାନେ ଘୁଷୁରି ମାରନ୍ତି ।

ଏମାନେ ବର୍ଷରେ ବହୁତଥର ନୂଆଖିଆ ପର୍ବ ପାଳନ କରନ୍ତି । ପ୍ରତ୍ୟେକ ଫସଲ ନୂଆ-ହୋଇ ଆମଦାନୀ ହେଲେ ସେମାନେ ନୂଆଖିଆ ପର୍ବ ପାଳନ କରି ତାହା ଖାଆନ୍ତି । ପର୍ବ ପାଳନ ନ କରି ଫସଲ ଖାଇଲେ ବାଘ ଖାଇଯିବ ବୋଲି ଏମାନଙ୍କର ଦୃଢ଼ ଧାରଣା । ପର୍ବଦିନ ଗ୍ରାମର ସବୁଲୋକମାନେ ଯେ ଯାହାର ଘରେ ଛେଳି, କୁକୁଡ଼ା ଓ ଘୁଷୁରି ପ୍ରଭୃତି ମାରି ରୋଷେଇ କରନ୍ତି । ଏବଂ ଆମଦାନୀ ହୋଇଥିବା ନୂଆ ଫସଲକୁ ମଧ୍ୟ ରୋଷେଇ କରି ଖାଆନ୍ତି । ରୋଷେଇ ସରିଲେ ସବୁ ଜିନିଷ ନେଇ ଗାଁର ଠାକୁରଘରେ ଜମା କରନ୍ତି । ପ୍ରତ୍ୟେକ ଗ୍ରାମରେ ଜଣେ ଜଣେ ପୂଜାରୀ ଥାଏ । ସେ ସେଗୁଡ଼ିକ ସବୁ ଠାକୁରଙ୍କ ପାଖରେ ପୂଜା କରେ । ଜଣେ 'ଓ୍ୱାଡ଼େ' କିପରି ପୂଜା କରିବାକୁ ହେବ ତାହା ବତାଇ ଦିଏ । ଯଦି ସେ ଗ୍ରାମରେ 'ଓ୍ୱାଡ଼େ' ନଥାଏ ତେବେ ଆଗରୁ ସେମାନେ ଅନ୍ୟ ଏକ ଗ୍ରାମରୁ ଓ୍ୱାଡ଼େକୁ ଡାକି ନେଇଥାଆନ୍ତି । ପୂଜା ଶେଷ ହେଲେ ଯେ ଯାହାର ଗୋତ୍ର ଅନୁସାରେ ଅଲଗା ଅଲଗା ବସି ସ୍ତ୍ରୀପୁରୁଷ ବାଳକବାଳିକା ସମସ୍ତେ ଏକାଠି ଖାଆନ୍ତି । ଖାଇବା ଶେଷ ହେଲେ ସମସ୍ତେ ମଦଖାଇ ରାତି ପାହିବା ପର୍ଯ୍ୟନ୍ତ ନାଚ କରନ୍ତି ।

ନୂଆଖିଆ ବ୍ୟତୀତ 'କୋୟା'ମାନେ ଆଉଗୋଟିଏ ପର୍ବ ପାଳନ କରନ୍ତି । ତାକୁ 'ଚଇତପର୍ବ' କହନ୍ତି । ଏ ପର୍ବ ଚଇତ ମାସରେ ପଡ଼େ । ପାଖ ଆଖ କେତେଖଣ୍ଡ ଗ୍ରାମର ଅଧିବାସୀମାନେ ଏକା ଦିନରେ ଏ ପର୍ବ ପାଳନ କରନ୍ତି । ପର୍ବର ପ୍ରଥମ ଦିନ ଗ୍ରାମର ସବୁ ପୁରୁଷ-ଲୋକମାନେ ଗୋଟିଏ ଗୋଟିଏ ଟୋକେଇରେ ଧାନ ଓ ଯେତେଜଣ ପୁରୁଷ-ଲୋକ ଯାହାଘରେ ଥାଆନ୍ତି ସେହି ଅନୁସାରେ ଖାଇବା ଚାଉଳ ନେଇ ଗ୍ରାମର ବାହାରେ ଥିବା ଗୋଟିଏ ଘରେ ଏକଜ ହୁଅନ୍ତି । ସବୁ ଲୋକମାନେ ଗୋଟିଏ ଘୁଷୁରି ଖରିଦକରି ନିଅନ୍ତି । ସନ୍ଧ୍ୟାବେଳକୁ ସେଠାରେ ଘୁଷୁରି ମରାଯାଇ ରୋଷେଇ ହୁଏ । ଦଳେ ଲୋକ ରୋଷେଇ କରୁଥାନ୍ତି ଏବଂ ଆଉ ଦଳେ ମଦଖାଇ ନାଚୁଥାନ୍ତି । ଏପରି ଭାବେ ରାତିଟାଯାକ ନାଚ ହୁଏ । ରୋଷେଇ ଶେଷହେଲେ ପୂଜାରୀ ଓ ଓଁାଡ଼େ ପୂଜା କରନ୍ତି । ତା'ପରେ ନାଚ ଚାଲେ । ତହିଁ ଆରଦିନ ସକାଳୁ ସମସ୍ତେ ଦାନ୍ତ ଘଷିସାରି ଏକାଠି ବସି ରୋଷାଇ ଜିନଷ ଯାକ ଖାଆନ୍ତି । ଏଥିରେ ସବୁ ଗୋତ୍ରର ଲୋକମାନେ ଏକାଠି ବସି ଖାଆନ୍ତି । ଖିଆ ପିଆ ଶେଷହେଲେ ଗ୍ରାମର ସ୍ତ୍ରୀ ଓ ଛୁଆମାନଙ୍କୁ ଛାଡ଼ି ଅନ୍ୟସମସ୍ତେ ଶିକାରକୁ ଯାଆନ୍ତି । ଆଠଦିନ ପର୍ଯ୍ୟନ୍ତ ଶିକାର ଚାଲେ । ଯେଉଁଦିନ ଶିକାର ମିଳୁଥାଏ ସେଦିନ ସନ୍ଧ୍ୟାରୁ ରାତି ଶେଷହେବା ପର୍ଯ୍ୟନ୍ତ ଶିକାରକୁ ମଝିରେ ରଖି ନାଚନ୍ତି ଏବଂ ସକାଳ ହେଲେ ତାକୁ ରୋଷେଇ କରି ଖାଆନ୍ତି ଏବଂ ପୁନରାୟ ଶିକାର କରିବାକୁ ଯାଆନ୍ତି । ଏହିପରି ତାଙ୍କର ପର୍ବ ହୁଏ । ପର୍ବ ଶେଷ ହେଲେ ପୂଜା ହୋଇଥିବା ଧାନକୁ ଘରେ ନେଇ ରଖନ୍ତି । ଧାନବୁଣା ଅନୁକୂଳ ଦିନ ସେହି ପୂଜା ଧାନକୁ ବୁଣନ୍ତି ।

'କୋୟା' ମାନଙ୍କ ମଧ୍ୟରୁ ଅଧିକାଂଶ ଗରିବ । ଯେଉଁମାନେ ଧନୀ ବୋଲି ଗଣ୍ୟ ହୁଅନ୍ତି ସେମାନଙ୍କ ପାଖରେ ନଗଦ ଟଙ୍କା ବେଶୀ ନ ଥାଏ । ବହୁତଗୁଡ଼ିଏ ଗୋରୁଗାଈ ଥାଆନ୍ତି ଏବଂ କିଛି ଧାନ ମଧ୍ୟ ଥାଏ । ଜଣ ଜଣଙ୍କ ନିକଟରେ ପ୍ରାୟ ହଜାରେ ପନ୍ଦର ଶହ ପର୍ଯ୍ୟନ୍ତ ଗାଈ ଥାଆନ୍ତି । ପ୍ରତ୍ୟେକ କୋୟାଘରେ ଗାଈ ଥିଲେ ମଧ୍ୟ ଏମାନେ ଗାଈର କ୍ଷୀର ଖାଆନ୍ତିନାହିଁ । ଏମାନଙ୍କର ଧାରଣା ଗାଈର କ୍ଷୀର ଗାଈ ଦେହର ପୂଜ । ବର୍ତ୍ତମାନ ସେ ଧାରଣା ଦୂର ହୋଇଥିଲେ ମଧ୍ୟ ସେମାନେ କ୍ଷୀର ଖାଉ ନାହାନ୍ତି । ସୁବିଧା ଥିଲେ ବିକ୍ରୀ କରନ୍ତି ନଚେତ୍ ଘିଅ କରନ୍ତି ।

ଶତକଡ଼ା ନବେଜଣ କୋୟାର ଭାଗ୍ୟରେ ବର୍ଷସାରା ମୁଠାଏ ଭାତ ଖାଇବାକୁ ମିଳେ ନାହିଁ । ବଣର ଫଳମୂଳ ଖାଇ ଏମାନେ ବଞ୍ଚନ୍ତି । ଯାହାଘରେ ଧାନ ଥାଏ ସେ ମଧ୍ୟ ଦୁଇ-ବେଳା ଭାତ ଖାଏନାହିଁ । ଦିନରେ ମାଣ୍ଡିଆ, ଜହ୍ନା, କମ୍ବା ଚାଉଳ ଖୁଦର ଯାଉ ଖାଆନ୍ତି ଏବଂ ରାତିରେ ଭାତ ଖାଆନ୍ତି । ପରିଧେୟ ମଧ୍ୟ ଏମାନଙ୍କର ଖୁବ୍ କମ୍ ଦରକାର । ଗୋଟିଏ ଦଶ ହାତ ଶାଢ଼ି ହେଲେ ପ୍ରାୟ ଦଶ ଜଣ ଲୋକ ଅକ୍ଲେଶରେ ପିନ୍ଧିବେ । ପୁରୁଷମାନେ ଚାଖଣ୍ଡେ ଓସାର କନା ହେଲେ ପିନ୍ଧିବେ । ସ୍ତ୍ରୀ ମାନେ ପ୍ରାୟ ଦେଢ଼ହାତ କନା ହେଲେ ବେଢ଼ାଇ ହେବେ । ସ୍ତ୍ରୀମାନଙ୍କ ଦେହରେ ଲୁଗା ନଥାଏ ।

ଏତେ ଅଭାବ ଅସୁବିଧା ମଧ୍ୟରେ ଗଢ଼କରି ମଧ୍ୟ କୋୟାମାନଙ୍କର ଅତିଥିଚର୍ଯ୍ୟା ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ପ୍ରତ୍ୟେକ ଗ୍ରାମରେ ଅତିଥିମାନେ ରହିବା ପାଇଁ ଗ୍ରାମର ସବୁଲୋକମାନେ ମିଶି ଖଣ୍ଡିଏ ଖଣ୍ଡିଏ ଘର କରିଥାଆନ୍ତି । ଯେଉଁମାନେ ଯାଆନ୍ତି ସେମାନେ ସେହି ଘରେ ରହନ୍ତି । 'ପେଦା'ର ଆଦେଶ ଅନୁସାରେ ଗ୍ରାମର ଲୋକମାନେ ଜାଳ ଓ ପାଣି ଆଣି ଯୋଗାଇ ଦିଅନ୍ତି ।

ଶୋଇବା ପାଇଁ ଖଟ ମଧ୍ୟ ଦିଅନ୍ତି । ରୋଷେଇ ପାଇଁ 'ପେଦା' ଗ୍ରାଉଳ, ଡାଲି ଇତ୍ୟାଦି ଆଣି ଯୋଗାଇ ଦିଏ । ଗ୍ରାମର ଲୋକମାନେ ସମସ୍ତେ ମିଳିମିଶି କୃଷି ସମୟରେ ଖଣ୍ଡିଏ ଜମିରେ ଧାନ ବୁଣି ଥାଆନ୍ତି । ସେ ଜମିର ସମସ୍ତ ଧାନ 'ପେଦା' ନିକଟରେ ଜମାଥାଏ । ଧାନ ବିକ୍ରୟ ହୋଇ ଡାଲି ଇତ୍ୟାଦି ଖର୍ଚ୍ଚକରି ପେଦା ରଖିଥାଏ । ଯଦି ବର୍ଷ ମଧ୍ୟରେ ସେ ଧାନତକ ଶେଷ ହୋଇଯାଏ ତେବେ ଗ୍ରାମର ଲୋକମାନେ ପାଳିକରି ଅତିଥିମାନଙ୍କର ଖର୍ଚ୍ଚ ଚଳାନ୍ତି । ନିଜଘରେ ଖାଇବାକୁ ନଥିଲେ ମଧ୍ୟ ଅତିଥିମାନଙ୍କପାଇଁ ଖୁବ୍ ଭଲ ଗ୍ରାଉଳ, ଡାଲି, ଘିଅ ପ୍ରଭୃତି ସଂଗ୍ରହ କରି ରଖିଥାନ୍ତି କୌଣସି ଅସୁବିଧାର ସମ୍ମୁଖୀନ ହୋଇ ଜଣେ ଲୋକ ଯଦି ମାସେକାଳ ଧରି ଗୋଟିଏ ଗାଁରେ ରହେ ତଥାପି ସେ କେବେହେଲେ ଉପବାସ ରହିବ ନାହିଁ ।

'କୋୟା'ମାନେ ଟିକିଏ ନୃଶଂସ ପ୍ରକୃତିର । ଅତି ସାମାନ୍ୟ କଥାରେ ବାପ ପୁଅ ଏବଂ ଭାଇ ଭାଇ ମଧ୍ୟରେ ଝଗଡ଼ା ଲାଗିଲେ ସେମାନେ ଶର ମରାମରି ହୁଅନ୍ତି । ଫଳରେ ଅନେକ ମଧ୍ୟ ମରନ୍ତି । ବିଶେଷତଃ ମଦଖାଇ ନିଶା ହୋଇଥିବା ସମୟରେ ଏପରି ହୁଏ । ମାତ୍ର ଏମାନେ ସତ୍ୟ ଓ ଧର୍ମପରାୟଣ । ମିଥ୍ୟା ପ୍ରତାରଣା ଏମାନଙ୍କ ମଧ୍ୟରେ ଆଦୌ ଦେଖାଯାଏ ନାହିଁ । ଅନ୍ୟଲୋକର ହଜାର ଟଙ୍କା ପାଇଲେ ମଧ୍ୟ ସେମାନେ ତାଙ୍କୁ ଫେରାଇ ଦିଅନ୍ତି । ଏମାନେ ଭାରି ଏକଜିଦିଆ । ଯଦି କାହାକୁ ଖାତିର କରନ୍ତି ତେବେ ତାକୁ ଦେବତା ଭଳି ମାନନ୍ତି । ମାତ୍ର ରାଗିଲେ ଜୀବନ ପର୍ଯ୍ୟନ୍ତ ନେଇଯାନ୍ତି । ସରକାରୀ କର୍ମଚାରୀମାନଙ୍କୁ ଏମାନେ ବଡ଼ ଭକ୍ତି ଓ ଭୟ କରନ୍ତି । ବ୍ୟଭିଚାର ଏମାନଙ୍କ ମଧ୍ୟରେ ଆଦୌ ଦେଖିବାକୁ ମିଳେନାହିଁ । କେତେକ ଦିଗରେ ଏମାନେ ଅନ୍ୟ ଆଦିବାସୀ ଗୋଷ୍ଠୀଙ୍କର ଅଗ୍ରଗଣ୍ୟ ।



କୋୟା ରମଣୀ

# କନ୍ଧମାନଙ୍କର ଅନକା ପର୍ବ

ଲୋକନାଥ ପରିଡ଼ା
ଢୋଟଗଡ ଆଶ୍ରମ ସ୍କୁଲ ଫୁଲବାଣୀ

ଅଭାବ ଅନାଟନ ମଧ୍ୟରେ କର୍ମକ୍ଳାନ୍ତ ଜୀବନରେ ମନୁଷ୍ୟ ଯେବେ ସୁଖ, ଶାନ୍ତି ନ ପାଏ ବା ମନକୁ ଖୁସି କରିବାର ଅବସର ନ ପାଏ ତେବେ ଏ ସଂସାରରେ ମନୁଷ୍ୟ ପକ୍ଷରେ ଜୀବନ ଧାରଣ କରିବା ବଡ଼ କଷ୍ଟକର ହୁଏ । ସେ ଧନୀ ହେଉ ବା ନିର୍ଦ୍ଧନୀ ହେଉ ତାର ମାନସିକ ପରିବର୍ତ୍ତନ ଏକାନ୍ତ ଆବଶ୍ୟକ । ଏହି ପରିବର୍ତ୍ତନ ଉଭୟ ଶ୍ରେଣୀ ବ୍ୟକ୍ତିଙ୍କ ପକ୍ଷରେ କେବଳ ଆମୋଦ ପ୍ରମୋଦରେ ସମ୍ଭବ ହୋଇଥାଏ । ଏହି ପ୍ରକାର ମାନସିକ ପରିବର୍ତ୍ତନର ଆବଶ୍ୟକତା ଉପଲବ୍ଧି କରି ଆମର ପୂର୍ବ ପୁରୁଷମାନେ ଆମ୍ଭମାନଙ୍କ ସମାଜରେ ବିଭିନ୍ନ ପର୍ବ ପର୍ବାଣୀ ଓ ମେଳା ମହୋତ୍ସବର ପ୍ରଚଳନ କରି ଯାଇଛନ୍ତି । ଅଭାବରେ ପଡ଼ି କେହି କାଳେ, ପର୍ବ ପର୍ବାଣୀମାନ ପାଳନ ନ କରିବେ, ଏଥିପାଇଁ ପ୍ରାୟ ପର୍ବଗୁଡ଼ିକ, ଧର୍ମ କିମ୍ବା ଦେବତାଙ୍କ ନାମରେ ଉତ୍ସର୍ଗ କରି ଦିଆଯାଇଥାଏ । ସୁତରାଂ ଅଭାବରେ ପଡ଼ି ଲୋକ ଜାଣିଶୁଣି ପର୍ବ ପାଳନ କରିବାରେ ଅବହେଳା କରିବାକୁ ସାହସ କରେନାହିଁ ।

ଏତ ଗଲା ଆମ ସମାଜର କଥା । ଆଦିବାସୀମାନଙ୍କ ସମାଜରେ ମଧ୍ୟ ଠିକ୍ ଆମ୍ଭମାନଙ୍କର ପର୍ବ ପର୍ବାଣୀ ପରି ପର୍ବମାନ ପ୍ରଚଳିତ ଅଛି । ଚତୁର୍ଦ୍ଦିଗ ଡଙ୍ଗର, ପର୍ବତ ଘେରା ସବୁଜ ଅରଣ୍ୟ ଆଦିବାସୀର ଜନ୍ମଭୂଇଁ । ସେ ସେହି ଅରଣ୍ୟ ମଧ୍ୟରେ ବଢ଼ି, ଅରଣ୍ୟର ପର୍ବତ, ବୃକ୍ଷ ଓ ଝରଣାକୁ ନିଜର ଅଭିଷ୍ଟ ସିଦ୍ଧିର ଦେବତା ବୋଲି ମାନି ନେଇଥାଏ । ତେଣୁ ନିଜର ଭଲମନ୍ଦ ପାଇଁ ସେହି ଦେବତାଙ୍କୁ ଆରାଧନା କରେ ଓ ତାଙ୍କରି ନାମରେ ପର୍ବମାନ ମଧ୍ୟ ପାଳନ କରେ । ଓଡ଼ିଶାର ଆଦିବାସୀମାନେ ଯେତେ ପ୍ରକାର ପର୍ବ ପାଳନ କରନ୍ତି ସେମାନଙ୍କ ମଧ୍ୟରୁ ଫୁଲବାଣୀର ବାଲିଗୁଡ଼ା ଅଞ୍ଚଳରେ କନ୍ଧମାନଙ୍କର ଅନକା ପର୍ବ ଅନ୍ୟତମ ।

ପର୍ବତ ଉପରିସ୍ଥ ସମତଳ ସ୍ଥାନ, ନଦୀକୂଳ ଓ ଅରଣ୍ୟ ମଧ୍ୟରେ କରିଥିବା ଧାନ, କୋଳି, ମାଣ୍ଡିଆ, କାନ୍ଦୁଲ ଓ ଝୁଡ଼ୁଙ୍ଗ ଆଦି ଶସ୍ୟ ଅମଳ କରି ସାରି ପ୍ରବଳ ଶୀତରେ ଏହି ପର୍ବ ପାଳନ କରାଯାଏ । ପ୍ରଥମେ ଗ୍ରାମଲୋକେ ଏକାଠି ହୋଇ ପର୍ବପାଳନ କରିବା ଦିନଟି ସ୍ଥିର କରନ୍ତି । ନିର୍ଦ୍ଦିଷ୍ଟ ଦିବସ ପୂର୍ବରୁ ଗୃହ, ରାସ୍ତାଘାଟ ଆଦି ଲିପାପୋଛା ହୋଇ ପରିଷ୍କାର କରାଯାଇଥାଏ । ଲୁଗାପଟା ପରିଷ୍କାର ଓ କ୍ଷୌର ଆଦି କାମମାନ ମଧ୍ୟ ପର୍ବ ଦିନର ଠିକ୍ ପୂର୍ବରୁ ଶେଷ ହୋଇଥାଏ ।

ପର୍ବଦିନ ସକାଳୁ ଗ୍ରାମର ଧାଙ୍ଗଡ଼ା ଓ ଧାଙ୍ଗିଡ଼ୀମାନେ ମିଳିତ ନୃତ୍ୟର ସୁରୁ କରିଦିଅନ୍ତି । ପ୍ରତ୍ୟେକ ଗୃହର ସମସ୍ତ ଲୋକ ସକାଳୁ ନିତ୍ୟକର୍ମ ସହି ସ୍ନାନସାରି ପରିଷ୍କାର ବସ୍ତ୍ରମାନ ପରିଧାନ କରନ୍ତି । ପ୍ରାୟ ଦିବା ଆଠଘଣ୍ଟା ବେଳକୁ ଗୃହପିଚ୍ଛା ଜଣେ ଜଣେ ଶିଆଳି ଫଳ ତୋଳିବା ପାଇଁ ଦଳବଦ୍ଧ ଭାବରେ ଅରଣ୍ୟ ମଧ୍ୟକୁ ଯାଆନ୍ତି । ଏମାନଙ୍କ ସହିତ (ଜାନି) ପୁରୋହିତ ମଧ୍ୟ ଯାଇଥାଏ । ଅରଣ୍ୟରେ ଶିଆଳି ଲତାକୁ ଅତି ବିନମ୍ର ସହକାରେ ପ୍ରଣାମ କରି ନିଜ ନିଜର ସ୍ତ୍ରୀ, ପୁଅ, କନ୍ୟା, ଭାଇ ଓ ଭଉଣୀଙ୍କୁ ଯେପରି କୌଣସି ବିପଦ ନପଡ଼ିବ ସେଥିପାଇଁ ପ୍ରାର୍ଥନା କରାଯାଏ । ବିପଦରୁ ରକ୍ଷା ପାଇବାପାଇଁ ଧରଣୀ ଦେବତା ଉଦ୍ଦେଶ୍ୟରେ ଶିଆଳି ଫଳ ଦେଉଛନ୍ତି ବୋଲି ସ୍ୱୀକାର ମଧ୍ୟ କରାଯାଏ । ଶିଆଳି ଫଳ ସଂଗ୍ରହ ଶେଷରେ ଜାନି ସହ ସମସ୍ତେ ଗୃହକୁ ବାହୁଡ଼ି ଆସନ୍ତି । ଜାନି ଗ୍ରାମକୁ ଆସି ମଝି ଦାଣ୍ଡରେ କୌଣସି ଗୋଟିଏ ବୃକ୍ଷମୂଳରେ ଖଣ୍ଡିଏ ପ୍ରସ୍ତର ଖଣ୍ଡକୁ ଧରଣୀ ଦେବତାଙ୍କର ପ୍ରତିମୂର୍ତ୍ତି ବୋଲି ପୂଜା ଆରମ୍ଭ କରେ । ଅରଣ୍ୟରୁ ସଂଗୃହିତ ଶିଆଳି ଫଳ ସହ, ଚାଉଳ, ଝୁଡ଼ଙ୍ଗ, କାନ୍ଦୁଲ ଓ ଅନକା ଧରି ପ୍ରତ୍ୟେକ ଗୃହସ୍ଥ ପୂଜା ପୀଠରେ ପହଞ୍ଚନ୍ତି ଅନକାର ଅର୍ଥ ଲାଉ । ଏ ଲାଉର ତଳଭାଗ ଗୋଲ ଓ ଉପର ଅଂଶ ପ୍ରାୟ ୧ ଫୁଟ ଲମ୍ବ ଓ ସରୁଅଟେ । ଏହା ଠିକ୍ ସାପୁଆ କେଳାର ଲାଉପରି ନ ହେଲେ ମଧ୍ୟ କେତେକାଂଶରେ ସେହିପରି ଦିଶେ । ପୂଜା ସାମଗ୍ରୀ ମାନ ଦେବତାଙ୍କ ପାଇଁ ଜାନି ନିକଟରେ ଦେଇ ପୁନର୍ବାର ଗୃହସ୍ୱାମୀମାନେ ଗୋଟିଏ ଲେଖାଏଁ କୁକୁଡ଼ା ହସ୍ତରେ ଧରି ଅରଣ୍ୟକୁ ଯାତ୍ରା କରନ୍ତି । ସେଠାରୁ କେହି ଡଙ୍ଗରକୁ, କେହି ନଈ କୂଳକୁ, କେହି ବା ମହୁଲ ଗଛ ମୂଳକୁ ଯାଇ ନିଜ ନିଜର ଅଭୀଷ୍ଟ ଦେବତାଙ୍କୁ ପୂଜା କରନ୍ତି । ଏଠାରେ ଦେବତା ବୋଇଲେ ସେହି ପଥରକୁ ବୁଝାଏ । ଡଙ୍ଗର ଉପରେ, ନଦୀକୂଳରେ, ମହୁଲ ବୃକ୍ଷର ତଳେ ଲିପା ପୋଛା କରି ପ୍ରସ୍ତରକୁ ଦେବତା ମନେକରି ପୂଜାକରାଯାଏ । ନଈକୂଳେ ଦେବତାର ନାମ ଗଙ୍ଗା ଦେବତା, ମହୁଲ ଗଛ ମୂଳରେ ମହୁଲ ଦେବତା ଓ ଡଙ୍ଗରରେ ଡଙ୍ଗର ଦେବତା ପୂଜା ପାଆନ୍ତି । ପୂଜା ସ୍ଥାନରେ ହଳଦୀଗୁଣ୍ଡ ଓ ଚାଉଳ ଗୁଣ୍ଡରେ ମଣ୍ଡଳ କଟାଯାଏ । ତତ୍ପରେ କୁକୁଡ଼ାକୁ ଦେବୀଙ୍କ ତୃପ୍ତି ପାଇଁ ବଳି ଦେଇ ତାର ରକ୍ତକୁ ଦେବତାଙ୍କ ମସ୍ତକରେ ବୋଳି ଦିଆଯାଏ ଓ ପରେ କୋତୋଟି ଦେବତାଙ୍କ ଚାରିପଟେ ପୋତାଯାଏ । ସେଠାରେ ମଧ୍ୟ, ଦେବତା ଯେପରି ଆଉ ଭବିଷ୍ୟତରେ ରାଗରଖି କୌଣସି ଅତ୍ୟାଚାର ନ କରେ, ସେଥିପାଇଁ ପ୍ରାର୍ଥନା କରାଯାଏ । ତାପରେ ସମସ୍ତେ ବଳିଦିଆ ଯାଇଥିବା କୁକୁଡ଼ାକୁ ଧରି ଗୃହକୁ ଫେରି ଗୃହିଣୀକୁ ଦିଅନ୍ତି ଓ ପରେ ଧରଣୀ ଦେବତା ପାଖରେ ସମସ୍ତେ ରୁଣ୍ଡ ହୁଅନ୍ତି ।

ଇତ୍ୟବସରରେ ଜାନି, ଦେବତାଙ୍କ ନିକଟରେ ହଳଦିଗୁଣ୍ଡ ଓ ଚାଉଳ ଗୁଣ୍ଡରେ ମଣ୍ଡଳ କାଟି ତହିଁରେ ଚାଉଳ ରଖେ । ଚାଉଳ ଉପରେ ଗୋଟିଏ ଅଣ୍ଡା ରଖି ଅଣ୍ଡା ଉପରେ ମଧ୍ୟ ୨ । ୩ ଗୋଟି ଚାଉଳ ରଖା ଯାଇଥାଏ । କାନ୍ଦୁଲ ଓ ଝୁଡ଼ଙ୍ଗ ଆଦି ଶସ୍ୟ ଦେବତାଙ୍କ ନିକଟରେ ରଖାଯାଏ । ଶାଳ କାଠରେ ଜାନି ଅଗ୍ନି ସଂଯୋଗ କଲେ ଭେଣ୍ଡିଆମାନେ ଭଲରୂପେ ନିଆଁ ଜଳାଇ ଶିଆଳି ଫଳକୁ ପୋଡ଼ନ୍ତି ଓ ଗୋଟିଏ ଅନକାକୁ ମଧ୍ୟ ପୋଡ଼ିଥାନ୍ତି । ଅନ୍ୟ ଏକସ୍ଥାନରେ ଜାନି ନୂଆ ମାଟି ହାଣ୍ଡିରେ ଭାତ ରାନ୍ଧିରଖେ । ଦଗ୍ଧ ହୋଇଥିବା ଶିଆଳି ଫଳକୁ ଫାଳ କରାଯାଏ ଓ ଅର୍ଦ୍ଧ ଦଗ୍ଧ ଅନକାକୁ ଗୋଟିଏ ତୀର ଦ୍ୱାରା ସାମାନ୍ୟ ଚିରାଯାଇ କିଛିଅଂଶ ଭାତରେ ମିଶେ । ଜାନି ଏହି ଭାତ, ଶିଆଳି ଫଳ ଓ ଅନକାକୁ ଦେବତାଙ୍କୁ ସମର୍ପଣ କରିସାରି ପ୍ରସାଦ ରୂପେ ଉପସ୍ଥିତ ଗ୍ରାମବାସୀମାନଙ୍କୁ ବାଣ୍ଟିଦିଏ । ସେ ସମୟରେ ସ୍ତ୍ରୀ ଲୋକମାନେ ଉପସ୍ଥିତ ନ ଥାନ୍ତି । ଦେବତାଙ୍କ ପ୍ରସାଦ ପାଇ

ସାରିବା ପରେ ଜାନି ଲୋକଙ୍କୁ ସାମାନ୍ୟ ଜଳ ମଧ୍ଯ ଦିଏ ଓ ଉଚ୍ଛିଷ୍ଟ ହସ୍ତ ମୁଖ ଏହାଦ୍ୱାରା ଶୀତ କରାଯାଏ । ଏହା ଠିକ୍ ଆମ ପଞ୍ଚାନନ ମେଳାର ପ୍ରସାଦ ସେବନ ପରି । ତତ୍ପରେ ସମସ୍ତେ ଧରଣୀ ଦେବତାଙ୍କୁ ପ୍ରଣାମ କରି ନିଜ ନିଜର ଗୃହକୁ ବାହୁଡ଼ି ଆସନ୍ତି

ପୂଜା ଶେଷ ହୋଇ ସମସ୍ତେ ଗୃହକୁ ଫେରିଲେ ଗୃହରେ ରନ୍ଧନ ଆରମ୍ଭ ହୁଏ । ଯୁବକ, ପ୍ରୌଢ଼ ଓ ବୃଦ୍ଧମାନେ ସାମାନ୍ୟ ମଦ୍ୟପାନ କରି ରୋଷେଇ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରନ୍ତି । ଶେଷରେ ଘରର ସମସ୍ତେ ମହାଖୁସିରେ ପର୍ବଦିନରେ ଆହାର ଗ୍ରହଣ କରନ୍ତି । ଏ ଦିନ ଭାତ, ଡାଲି, କୁକୁଡ଼ା ମାଂସ ତରକାରୀ ଆଦି ହୋଇଥାଏ ଓ ପଡ଼ିଶା ଘରକୁ ମଧ୍ଯ ଦେଣ ନେଣ ହୁଏ । ଖାଇବା ପୂର୍ବରୁ ଜାନିଘରକୁ ମଧ୍ଯ ଭାତ ଓ ମାଂସ ଦିଆଯାଇ ଥାଏ । ପର୍ବଦିନର ଭୋଜି ପ୍ରାୟ ଦିନ ୪ଟା ବେଳକୁ ଶେଷହୁଏ । ଏହି ପର୍ବ ପାଇଁ ବାପ, ମାଆ ନିଜର ପିଲାଙ୍କୁ ସ୍କୁଲରୁ ବାହୁଡ଼ାଇ ଆଣିଥାନ୍ତି ।

ପ୍ରାୟ ସନ୍ଧ୍ୟା ବେଳକୁ ସାରା ଗ୍ରାମଟି ନୃତ୍ୟର ଜୁଆରରେ ଉଚ୍ଛୁଳି ଉଠିଥାଏ । ଧାଙ୍ଗଡ଼ା ଧାଙ୍ଗିଡ଼ୀ, ବୁଢ଼ା ବୁଢ଼ୀ ଓ କିଶୋର କିଶୋରୀମାନେ ଦଳଦଳ ହୋଇ ନୃତ୍ୟ କରନ୍ତି । ପୁରୁଷମାନେ ବାଦ୍ୟ ବଜାଇ ନାଚନ୍ତି ଓ ସ୍ତ୍ରୀମାନେ ବାଦ୍ୟର ତାଳେ ତାଳେ ପଦ ମିଳାଇ ନୃତ୍ୟ କରୁଥାନ୍ତି । ଭବିଷ୍ୟତର ଜୀବନସଙ୍ଗିନୀକୁ କନ୍ଧ ଯୁବକ ଏହି ନୃତ୍ୟ ସମୟରେ ବାଛିବାର ସୁଯୋଗ ପାଇଥାଏ । ଏହି ନୃତ୍ୟ ଆଡ଼ମ୍ବର ଶୂନ୍ୟ । ଏଥିପାଇଁ ବିଦ୍ୟୁତ ଆଲୋକ ବା ପାଉଡରର ଆବଶ୍ୟକ ହୁଏନାହିଁ । କୌଣସି ଦର୍ଶକ ଯେପରି ଖୁସିହୋଇ ପ୍ରଶଂସା ପତ୍ର ଦେବ ତାହା ମଧ୍ୟ ଏ ନୃତ୍ୟରେ ଆଶା କରାଯାଇ ନ ଥାଏ । ଏଥିରେ ଗୁରୁ କେହି ନାହିଁ କି ଶିଷ୍ୟ ମଧ୍ୟ କେହି ନାହାନ୍ତି । ଏହି ନୃତ୍ୟ ହୃଦୟରୁ ସ୍ୱତଃ ଜାତ ହୋଇଥାଏ । ତେଣୁ ଏ ନୃତ୍ୟ ଜୀବନ୍ତ ଅଟେ । ପ୍ରାୟ ତିନିଦିନ ଧରି ନୃତ୍ୟ ଅଖଣ୍ଡ ଅବସ୍ଥାରେ ଚାଲିଥାଏ । ଅଷ୍ଟପ୍ରହରୀ ବା ଚବିଶ ପ୍ରହରୀ କୀର୍ତ୍ତନ ପରି ଏଥିରେ ଦଳେ ଲୋକ ଖାଇ ଆସିଲେ ଆଉଦଳେ ଖାଇବାକୁ ଯାଆନ୍ତି । ସଲପ ରସ ବା ମହୁଲି ମଦର ମାଦକତା ନୃତ୍ୟ ପାଇଁ ଯେ କେତେ ଉପଯୋଗୀ ଏ କଥା କନ୍ଧ ଯୁବକମାନେ ବେଶ୍ ବୁଝିପାରନ୍ତି ।

ନୃତ୍ୟ ସମୟରେ ଗ୍ରାମରେ ଚୋରି ଆରମ୍ଭ ହୁଏ । ଏ ଚୋରି ଆଉ କେହି ବାହାର ଚୋର କରନ୍ତି ନାହିଁ । ନାଟୁଆ ପିଲାମାନେ ହିଁ ଚୋର । ସେମାନେ ନାଚକରି ବାଜାବଜାଇ ପ୍ରତ୍ୟେକଙ୍କ ବାରିପଟକୁ ଯାଇ କୁକୁଡ଼ା, ଲାଉ, କଖାରୁ ଆଦି ଚୋରି କରନ୍ତି । ପିଲାମାନେ ଚୋରି କରିବାକୁ ଆସୁଛନ୍ତି ଜାଣି ଗୃହର କେହିଲୋକ ଜଗିବାକୁ ବା ଚୋର ଧରିବାକୁ ଆସନ୍ତି ନାହିଁ । ଏପରି କରିବା ସମାଜରେ ମନା । ଏହାକୁ ଚୋରି ନ କହି ସ୍ୱେଚ୍ଛାକୃତ ଦାନ କହିଲେ ଠିକ୍ ହେବ ।

ତୃତୀୟ ଦିବସ ଶେଷରେ ଚୋରିମାଲ କେତେକ ସ୍ଥଳରେ ସମାନ ସମାନ ଭାବରେ ବଣ୍ଟା ହୁଏ । ଅନ୍ୟ କେତେକ ଚାଉଳ ଚାନ୍ଦା କରି ଚତୁର୍ଥ ଦିନ ଗୋଟିଏ ଭୋଜିର ବ୍ୟବସ୍ଥା କରନ୍ତି । ଏହା ଶ୍ରେଷ୍ଠ ବାଳକମାନଙ୍କ ପାଇଁ ହୋଇଥାଏ । ସରଳମତି ବାଳକ ମଦ୍ୟର ମାଦକତା ବା ଯୁବତୀ କଟାକ୍ଷର ମନୋଭାବ ନୃତ୍ୟ ସମୟରେ ବୁଝେନାହିଁ । ତେଣୁ ତା ପାଇଁ ଚୋରି ଓ ଭୋଜି ଏ ଦୁଇଟି ଉପଯୋଗୀ ହୋଇଥାଏ । ଏହାହିଁ ଅନକା ପର୍ବର ରହସ୍ୟ ।

ଚିରଦିନ ଦାରିଦ୍ର୍ୟ ମଧ୍ୟରେ ରହି, ଶୋଷଣ ଦାଢ଼ରୁ ନିଜକୁ ମୁକ୍ତକରି ନ ପାରି ଯଦି କନ୍ଧ ତାର ଏ ସାମାଜିକ ପର୍ବମାନ ଦେବତା ଉଦ୍ଦେଶ୍ୟରେ ପାଳୁନଥାନ୍ତା, ତେବେ କନ୍ଧ ସମାଜ ବ୍ୟଥା ଓ ନୈରାଶ୍ୟ ମଧ୍ୟରେ ଯେ କେଉଁଦିନୁ ଟଳି ପଡ଼ନ୍ତାଣି ତାହା କିଏ କହିବ ? ଆଜି ଯଦି କନ୍ଧ ବଞ୍ଚିଥାଏ ବା ନିଜକୁ ଶୋଷଣ ବା ଅତ୍ୟାଚାର ମୁହଁରୁ ନିଜକୁ ବଞ୍ଚାଇ ପାରିଥାଏ ତେବେ ଆମ୍ଭେ-ମାନେ ମୁକ୍ତ କଣ୍ଠରେ ସ୍ୱୀକାର କରିବା ଯେ ତାର ନୃତ୍ୟ ଗୀତ ଓ ପର୍ବ ପର୍ବାଣୀ ତାକୁ ଜୀବନ ଧାରଣର ମୃତ ସଞ୍ଜୀବନୀ ଦାନକରିଅଛି ।

---

# ବିର୍‌ହୋର୍‌

ନିର୍ମଳଚନ୍ଦ୍ର ଘୋଷ, ଏମ୍‌. ଏ.

ବିହାର ପ୍ରଦେଶର ଛୋଟନାଗପୁର ଗୋଟିଏ ଆଦିବାସୀ ବହୁଳ ଅଞ୍ଚଳ । ଏଠାରେ ଭାରତର କେତେକ ପ୍ରାଚୀନ ଓ ପ୍ରଧାନ ଆଦିବାସୀଗୋଷ୍ଠୀ ଦେଖିବାକୁ ମିଳେ । ଏମାନଙ୍କ ମଧ୍ୟରେ ମୁଣ୍ଡା, ସାନ୍ତାଳ, ଓରାଓଁ, ହୋ, ବିରଜିଆ, ପାହାଡ଼ିଆ ଓ ଅସୁର ଇତ୍ୟାଦି ପ୍ରଧାନ । ବିର୍‌ହୋର୍‌ମାନେ ମୁଣ୍ଡା ଗୋଷ୍ଠୀର ଏକ ଅଂଶ । ଏମାନେ ମୁଣ୍ଡାମାନଙ୍କର ସବୁଠାରୁ ଛୋଟ ଶାଖା । ଡାଲ୍‌ଟନ୍‌ ଓ ଶରତଚନ୍ଦ୍ର ରାୟ ପ୍ରଭୃତି ଗବେଷକମାନେ ପ୍ରଥମେ ବିର୍‌ହୋର୍‌ମାନଙ୍କର ସ୍ୱାତନ୍ତ୍ର୍ୟତା ଉପଲବ୍‌ଧି କରିଥିଲେ । ବିର୍‌ହୋର୍‌ ଶବ୍ଦ ଅର୍ଥ "ଜଙ୍ଗଲ ଭ୍ରମଣକାରୀ ଲୋକ" ଅର୍ଥାତ୍‌ ଯେଉଁମାନେ ଜଙ୍ଗଲରେ ଭ୍ରମଣ କରନ୍ତି । ଛୋଟନାଗପୁର ମାଳଭୂମିର ଜଙ୍ଗଲ ବ୍ୟତୀତ ବାହାରେ ବିଶେଷଭାବେ ବିର୍‌ହୋର୍‌ମାନେ ଦେଖାଯାନ୍ତି ନାହିଁ ।

ବିର୍‌ହୋର୍‌ମାନେ ବିହାରର ଛୋଟନାଗପୁର, ଓଡ଼ିଶାର ସୁନ୍ଦରଗଡ଼ ଜିଲା ଓ ଛତିଶଗଡ଼ ଅଞ୍ଚଳରେ ଦେଖିବାକୁ ମିଳନ୍ତି ।

ଏହି ବିର୍‌ହୋର୍‌ମାନେ ଦୁଇ ଭାଗରେ ବିଭକ୍ତ । ଗୋଟିଏ ଶାଖାକୁ 'ଉଥ୍‌ଲୁ' ଓ ଅନ୍ୟ ଗୋଟିଏ ଶାଖାକୁ 'ଜାଘି' କୁହାଯାଏ । 'ଉଥ୍‌ଲୁ'ମାନେ ରାଞ୍ଚି ଓ ସୁନ୍ଦରଗଡ଼ ଜିଲାରେ ଦେଖାଯାନ୍ତି । ଉଥ୍‌ଲୁମାନେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ରହନ୍ତି ନାହିଁ । ସେମାନଙ୍କ ନିଜର ହୋଇ କିଛି ନାହିଁ । ସେମାନେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଘୂରି ବୁଲନ୍ତି । ଏମାନେ ଏ ପର୍ଯ୍ୟନ୍ତ ସଭ୍ୟତାର ଅନେକ ପଛରେ ପଡ଼ିଛନ୍ତି । ଏମାନେ ଗୋଟିଏ ସ୍ଥାନରେ ଛଅ ସାତ ମାସରୁ ବେଶି ରୁହନ୍ତି ନାହିଁ । ଏମାନଙ୍କର ଆର୍ଥିକ ଅବସ୍ଥା କୌଣସି ପ୍ରକାରେ ବଞ୍ଚି ରହିବା ପାଇଁ ଏକ ସଂଘର୍ଷ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏମାନେ ବର୍ଷସାରା ପଶୁପକ୍ଷୀ ଶିକାର କରି, ଦଉଡ଼ି ଓ କାଠ ପାତ୍ର ଇତ୍ୟାଦି ବିକି କରି ଚଳନ୍ତି ।

ଜାଘିମାନେ ବର୍ତ୍ତମାନ ସ୍ଥାୟୀଭାବରେ ବସବାସ କରୁଛନ୍ତି । ଏମାନଙ୍କୁ ବିହାରର ହଜାରି-ବାଗ ଜିଲାରେ ଦେଖିବାକୁ ମିଳେ । ଏମାନେ ପୋଡ଼୍‌ ବା ପାହାଡ଼ ଚାଷ କରନ୍ତି ।

ଉଥ୍‌ଲୁ ବିର୍‌ହୋର୍‌ମାନେ ବିର୍‌ହୋର୍‌ ଜାତିର ବଡ଼ ଶାଖା । କୁହାଯାଇଛି ଯେ ଏମାନଙ୍କର ନିଜସ୍ୱ ସମ୍ପତ୍ତି କିଛି ନାହିଁ । ଏମାନେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଦଳ ଦଳ ହୋଇ ବର୍ଷସାରା ଘୂରିବୁଲନ୍ତି । ଗୋଟିଏ ଦଳ ଯେଉଁ ଜାଗାରେ ଅସ୍ଥାୟୀଭାବେ ବାସ କରନ୍ତି, ତାକୁ 'ଟଣ୍ଡା' କୁହାଯାଏ । ଏହା ସାଧାରଣତଃ ଜଙ୍ଗଲ ଓ ଝରଣାର ନିକଟବର୍ତ୍ତୀ, ଯେଉଁଠାରୁ କି ସେମାନେ ଫଳମୂଳ ଓ ଶିକାର ସଂଗ୍ରହ କରିପାରନ୍ତି । ସେମାନଙ୍କର ଘରକୁ 'କୁମ୍ବା' ବୋଲିଯାଏ । ଏହି କୁମ୍ବା ବା କୁଡ଼ିଆ ପତ୍ରରେ ତିଆରି ହୋଇଥାଏ ଓ ଆକୃତିରେ ଶଙ୍କୁପରି ଅଟେ । ଏହି କୁଡ଼ିଆଗୁଡ଼ିକ ଗୋଟିଏ

ଯାଗାରେ କେନ୍ଦ୍ରୀଭୂତ ହୋଇଥାଏ । ଗୋଟିଏ ଲୋକର ଗୋଟିଏ ବା ଦୁଇଟି କୁଡ଼ିଆରୁ ବେଶି ନଥାଏ । ଗୋଟିଏ ବିର୍‌ହୋର୍ ଦଳ ସେମାନଙ୍କର ବନ୍ଧୁ ଓ ବାନ୍ଧବମାନଙ୍କୁ ନେଇ ପ୍ରାୟ ଗଠିତ । ଦଳର ସଭ୍ୟ ସହଜରେ ସେ ଦଳକୁ ଛାଡ଼ି ଅନ୍ୟ ଦଳକୁ ଯାଇପାରେ ନାହିଁ । ଉଥ୍‌ଲୁ ବିର୍‌ହୋର୍‌ମାନେ ଗୁରିଗୋଟି ସମ୍ପ୍ରଦାୟରେ ବିଭକ୍ତ । ପ୍ରତ୍ୟେକଟି ଗଛ, ପଶୁ ବା ଫଳ ପ୍ରଭୃତି ନାମରେ ନାମିତ । ପ୍ରତ୍ୟେକ ବ୍ୟକ୍ତି ଏହା କୌଣସି ମୃତ ପୂର୍ବପୁରୁଷଠାରୁ ଗ୍ରହଣ କରିଥାନ୍ତି ।

ବିର୍‌ହୋର୍‌ମାନେ ସାଧାରଣ ଲୁଗା ପିନ୍ଧନ୍ତି । ନିଜର ପରିଧେୟ ନିଜେ ପ୍ରସ୍ତୁତ କରନ୍ତି ନାହିଁ, ଅନ୍ୟମାନଙ୍କଠାରୁ କିଣନ୍ତି । ପୁରୁଷମାନେ କୌପୁନି ମାରନ୍ତି ଓ କୁର୍ତ୍ତା ପିନ୍ଧନ୍ତି । ସ୍ତ୍ରୀଲୋକମାନେ ଦେଶୀ ଲୁଗା ଓ ତମ୍ବା କିମ୍ବା ଲୁହାର ଖଡ଼ୁ ବ୍ୟବହାର କରନ୍ତି ।

ବିର୍‌ହୋର୍‌ମାନେ ବହୁ ଦେବଦେବୀରେ ବିଶ୍ୱାସ କରନ୍ତି । "ସିଙ୍ଗ ବୋଙ୍ଗା" ବା ସୂର୍ଯ୍ୟ ସମସ୍ତ ଦେବଦେବୀଙ୍କ ମଧ୍ୟରେ ପ୍ରଧାନ । ପ୍ରତ୍ୟେକ ଦଳରେ ଗୋଟିଏ ବା ଦୁଇଟି ପୂଜକ ଥାଆନ୍ତି, ଯେଉଁମାନଙ୍କୁ 'ପୂଜାର' ବୋଲି କୁହାଯାଏ । 'ସିଙ୍ଗ ବୋଙ୍ଗା' ପ୍ରତିବର୍ଷ ନିୟମିତ ଭାବେ ପୂଜା ପାଆନ୍ତି ନାହିଁ, କିନ୍ତୁ ଯେତେବେଳେ ପୂଜା ପାଆନ୍ତି, ତାହା ଅତ୍ୟନ୍ତ ଆଡ଼ମ୍ବରସହ ହୋଇଥାଏ । ଏଥିରେ ଦଳର ସମସ୍ତ ଲୋକ ସାହାଯ୍ୟ କରନ୍ତି । ଏହା ବ୍ୟତୀତ ଦଳର ପ୍ରତ୍ୟେକଙ୍କ ଘରେ "ଓଡ଼ାବୋଙ୍ଗା" ବା ଗୃହ ଦେବତା ପୂଜା ପାଆନ୍ତି । ଗୃହ ଦେବତା ପ୍ରତ୍ୟେକ କୁଡ଼ିଆର ପଛପଟେ ଅଗ୍ନି ଜାଗାରେ ଗୋଟିଏ ଶ୍ରେଷ୍ଠ କୁଡ଼ିଆରେ ପୂଜା ହୁଅନ୍ତି । ଏମାନଙ୍କ ମଧ୍ୟରେ ମୂର୍ତ୍ତି ବା ପ୍ରତିମା ନ ଥିବା ହେତୁ, 'ଓଡ଼ାବୋଙ୍ଗା' ଗୋଟିଏ ଟୋକେଇ ଓ ଭଙ୍ଗା ମାଟିର ପାତ୍ରଦ୍ୱାରା ପରିଚିତ ହୁଅନ୍ତି । ଏହା ବ୍ୟତୀତ ସେମାନେ ଅସଂଖ୍ୟ ଦେବଦେବୀରେ ବିଶ୍ୱାସ କରନ୍ତି । ସେମାନଙ୍କ ମଧ୍ୟରୁ ବାଘବୀର, ହନୁମାନବୀର, ଇତ୍ୟାଦି ପ୍ରଧାନ ।

ଉଥ୍‌ଲୁ ବିର୍‌ହୋର୍‌ମାନେ ଶିକାର ଉପରେ ନିର୍ଭର କରନ୍ତି । ଶିକାରରୁ ଯାହା ପାଆନ୍ତି ତାହାଦ୍ୱାରା ସେମାନେ ନିଜକୁ ପ୍ରତିପୋଷଣ କରନ୍ତି । ସେମାନେ ନିକଟବର୍ତ୍ତୀ ଗ୍ରାମରେ ସେମାନଙ୍କର ପ୍ରସ୍ତୁତ ଦଉଡ଼ି ଓ କାଠର ପାତ୍ର ଇତ୍ୟାଦି ବିକି କରନ୍ତି ବା ଖାଦ୍ୟଦ୍ରବ୍ୟ ବଦଳରେ ତାହା ଦିଅନ୍ତି । "ମାଙ୍କଡ଼ ଶିକାର" ଏମାନଙ୍କର ଗୋଟିଏ ପ୍ରଧାନ ଶିକାର । ଏହା ଗୋଟିଏ ସାମାଜିକ ଅନୁଷ୍ଠାନ । ଏଥିରେ ଦଳର ପ୍ରତ୍ୟେକ ଲୋକ ଭାଗ ନିଅନ୍ତି ଓ ଯେଉଁ ଶିକାର ଧରାହୁଏ ତାକୁ ଦଳର ସମସ୍ତେ ସମାନ ଭାବରେ ଭାଗକରି ନିଅନ୍ତି । ଏହି ପ୍ରଥାକୁ କେତେକ ଗବେଷକ Primitive Communisim ବୋଲି କୁହନ୍ତି । କାରଣ ଯେଉଁମାନେ ଭାଗ ନ ନେଇ କୁଡ଼ିଆରେ ରୁହନ୍ତି, ସେମାନେ ମଧ୍ୟ ଭାଗ ପାଆନ୍ତି । ମାଙ୍କଡ଼ ମାଂସ ସେମାନଙ୍କର ଏକ ପ୍ରିୟ ଖାଦ୍ୟ ।

ଉଥ୍‌ଲୁ ବିର୍‌ହୋର୍‌ମାନେ ଗୁରିଗୋଟି ସଂପ୍ରଦାୟରେ ବିଭକ୍ତ । ଏହି ସଂପ୍ରଦାୟମାନଙ୍କ ମଧ୍ୟରେ ବିଶେଷ ପ୍ରଭେଦ ନାହିଁ । ଅନ୍ୟ ଗୋଷ୍ଠୀରେ ବିବାହ ଏମାନଙ୍କ ମଧ୍ୟରେ ପ୍ରଚଳିତ ନାହିଁ । ଅନ୍ୟ ଗୋଷ୍ଠୀରେ ବିବାହ କଲେ ଜାତିରୁ ବାହାର କରି ଦିଆଯାଏ ।

ବିର୍‌ହୋର୍‌ମାନଙ୍କ ମଧ୍ୟରେ ସେମାନଙ୍କର ପରିବାର ସବୁଠାରୁ ଶ୍ରେଷ୍ଠ ଓ ମୌଳିକ ସଂଗଠନ । ପ୍ରତ୍ୟେକ ପରିବାର ସ୍ୱତନ୍ତ୍ର । ମିଳିତ ପରିବାର ଖୁବ୍ କମ ଦେଖାଯାଏ । ବିର୍‌ହୋର୍ ସମାଜରେ ପିତାର ସ୍ଥାନ ପ୍ରଧାନ । ବିର୍‌ହୋର୍ ସମାଜ ପୈତୃକ ପରିବାର ଦ୍ୱାରା ସଂଗଠିତ ।

ପିତା ପରେ ପୁତ୍ର ସମସ୍ତ ସମ୍ପତ୍ତିର ଅଧିକାରୀ ହୋଇଥାଏ । ପିତାର ମୃତ୍ୟୁ ପରେ ସମ୍ପତ୍ତି ସମାନ ଭାବରେ ପୁତ୍ରମାନଙ୍କ ମଧ୍ୟରେ ବଣ୍ଟନ ହୋଇଥାଏ । ସମାଜରେ ନାରୀ ଜାତିର ପ୍ରାଧାନ୍ୟ କ୍ଷୁଣ୍ଣ ହୋଇ ନ ଥାଏ । ପୁରୁଷ ସହିତ ନାରୀ ସମାନ ସୁବିଧା ଓ ସୁଯୋଗ ପାଇଥାଏ । ନାରୀ ଦୈନନ୍ଦିନ କାର୍ଯ୍ୟରେ ପୁରୁଷ ସହିତ ସହଯୋଗ କରିଥାଏ । ଏହା ବ୍ୟତୀତ ଗୃହର ସମସ୍ତ କାର୍ଯ୍ୟ ଓ ସନ୍ତାନ ପ୍ରତିପାଳନ ସଂପୂର୍ଣ୍ଣ ବହନ କରିଥାଏ । ପୁରୁଷମାନେ ଯେଉଁ ଦଉଡ଼ି ଓ କାଠ ପାତ୍ର ତିଆରି କରନ୍ତି, ତାହାର ସରଞ୍ଜାମ ସ୍ତ୍ରୀମାନେ ପ୍ରାପ୍ତ ପ୍ରସ୍ତୁତ କରିଥାନ୍ତି ।

ବିର୍‌ହୋର୍‌ମାନଙ୍କ ମଧ୍ୟରେ ବିବାହର ସାଧାରଣତଃ ପ୍ରାପ୍ତବୟସ୍କରେ ହୋଇଥାଏ । ବାଲ୍ୟ ବିବାହ ସେମାନଙ୍କ ମଧ୍ୟରେ ପ୍ରଚଳିତ ନାହିଁ । ଝିଅ ସାଧାରଣତଃ ଚଉଦ ବର୍ଷରୁ ଅଠର ବର୍ଷ ମଧ୍ୟରେ ବିବାହ କରିଥାନ୍ତି । ପୁରୁଷମାନେ କୋଡ଼ିଏ ବର୍ଷରୁ ପଚିଶ ବର୍ଷ ମଧ୍ୟରେ ବିବାହ ହୁଅନ୍ତି । ପୁଅ ଯେପର୍ଯ୍ୟନ୍ତ ଆତ୍ମନିର୍ଭରଶୀଳ ନ ହୋଇଥାଏ ସେ ପର୍ଯ୍ୟନ୍ତ ବିବାହ ହୋଇ ପାରେନାହିଁ । କାରଣ ବିବାହ ପରେ ପୁଅ ବାପ ପାଖରୁ ଅଲଗା ହୋଇଯାଏ ଓ ନିଜର କୁଡ଼ିଆ ପ୍ରସ୍ତୁତ କରି ତାହାର ସ୍ତ୍ରୀ ସହିତ ବାସକରେ । ଝିଅର ବିବାହରେ ବାପ ସମସ୍ତ ଖର୍ଚ୍ଚ ତୁଲାଏ, ମାତ୍ର ପୁଅ ବିବାହରେ ପୁଅକୁ ଆଂଶିକ ସହାଯ୍ୟ କରିବାକୁ ପଡ଼େ । ଗୋଟିଏ ବିବାହରେ ପଡ଼ୋଶୀଙ୍କର ସମସ୍ତେ ଆର୍ଥିକ ସାହାଯ୍ୟ କରିଥାନ୍ତି । ବିବାହ ବେଳେ ପୁଅକୁ "କନ୍ୟାମୂଲ୍ୟ" ଦେବାକୁ ପଡ଼େ ।

ବିର୍‌ହୋର୍‌ ସଂସ୍କୃତିରେ ଯୁବକ ଯୁବତୀମାନଙ୍କର ପାରମ୍ପାରିକ ତାଲିମ ପାଇଁ ବ୍ୟବସ୍ଥା ମଧ୍ୟ ଅଛି । ଏହା ଏକ ସମୟରେ ବହୁ ଉନ୍ନତ ଅବସ୍ଥାରେ ଥିଲା । ବର୍ତ୍ତମାନ ଏହା କେତେକ ଅଂଶ ଅଛି । ପ୍ରତ୍ୟେକ ଦଳରେ ଯୁବକ ଓ ଯୁବତୀମାନଙ୍କ ନିମିତ୍ତ ପୃଥକ ଆଖଡ଼ା ଘର (Gitiora) ରହିଛି । ଏହି ଆଖଡ଼ା ଘରଗୁଡ଼ିକ ଦଳର ଜଣେ ବୃଦ୍ଧା ଓ ଜଣେ ବୟସ୍କ ଲୋକଙ୍କର ତତ୍ତ୍ୱାବଧାନରେ ଥାଏ । ବିର୍‌ହୋର୍‌ କୁଡ଼ିଆ ଗୋଟିଏ ବା ଦୁଇଟି ବଖରା ହୋଇଥିବାରୁ ବୟସ୍କ ସନ୍ତାନ ସନ୍ତତିମାନଙ୍କର ପିତାମାତାଙ୍କ ସହିତ ରହିବା ସମ୍ଭବ ହୁଏ ନାହିଁ । ତେଣୁ ସେମାନେ ଆଖଡ଼ା ଘରେ ଶୁଆବସା କରନ୍ତି । ସାଧାରଣତଃ ଏମାନେ ରାତିରେ ଏଠାରେ ଶୁଅନ୍ତି । ଯୁବକ ଯୁବତୀମାନେ ନିଜ ନିଜ ଆଖଡ଼ା ଛଡ଼ା କେହି ଏକ ଅନ୍ୟର ଆଖଡ଼ାକୁ ଅବାଧରେ ଗତିକରି ପାରନ୍ତି ନାହିଁ ।

ବର୍ତ୍ତମାନ ଅବସ୍ଥାରେ ବିର୍‌ହୋର୍‌ ଜୀବନ ପ୍ରଣାଳୀ ନାନା ସଂକଟ ମଧ୍ୟରେ ଗତି କରୁଛି । ସେମାନେ ନିଜର ଜୀବନ ଯାପନ ପାଇଁ ପ୍ରକୃତି ଓ ସଭ୍ୟତା ସହିତ ଯୁଦ୍ଧ କରୁଛନ୍ତି । ବିର୍‌ହୋର୍‌ମାନଙ୍କର ନିଜସ୍ୱ ସଂପତ୍ତି ନାହିଁ । ସେମାନେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ସ୍ଥାନପରିବର୍ତ୍ତନ କରନ୍ତି । ତେଣୁ କୃଷି କରିବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇନାହିଁ । ଠିକାଦାର-ମାନଙ୍କର ମୂଲ ଲାଗି ଅନ୍ୟମାନଙ୍କର ଠିକାକାମ କରି ଯତ୍‌ସାମାନ୍ୟ ସେମାନେ ପାଆନ୍ତି । ଜଙ୍ଗଲ ଆଇନ ଯୋଗୁଁ ସେମାନଙ୍କର ପାରମ୍ପାରିକ ବାଣିଜ୍ୟ, ଦଉଡ଼ି ଓ କାଠପାତ୍ର ଯଥେଷ୍ଟ ପରିମାଣରେ ତିଆରି କରିବା ସମ୍ଭବପର ହୋଇ ପାରୁନାହିଁ । ମଦ ଇତ୍ୟାଦି ମାଦକଦ୍ରବ୍ୟର ବ୍ୟବହାର କଞ୍ଚା ପଇସା ଯୋଗୁଁ ବଢ଼ି ଉଠିଲାଣି । ସଭ୍ୟତାର ସଂସ୍ପର୍ଶରେ ଆସି ସେମାନେ ଆହୁରି ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନେକ ଦିନ ଯେଉଁମାନେ ସହର ପାଖରେ ବାସ କରୁଛନ୍ତି, ସେମାନେ ସଭ୍ୟତା ସଂସ୍ପର୍ଶରେ ଆସି ଅଧିକ ପରିମାଣରେ ସଭ୍ୟତାକୁ ଗ୍ରହଣ କରୁଛନ୍ତି ।

ଯାହା ଫଳରେ ସେମାନଙ୍କର ଦୈନନ୍ଦିନ ଜୀବନରେ ବାଧା ଆସୁଛି । ଅନେକ ସମୟରେ ସେମାନଙ୍କୁ ୨।୩ ଦିନ ଧରି ଉପାସ ରହିବାକୁ ପଡ଼ୁଛି । ଅନେକ ସ୍ଥାନରେ ସେମାନେ ଠିକାଦାର ପ୍ରଭୃତିଙ୍କ ଦ୍ୱାରା ଠକାମିରେ ପଡ଼ୁଛନ୍ତି ।

ବିର୍‌ହୋର୍‌ମାନେ ବର୍ତ୍ତମାନ ଏକ ସାଂସ୍କୃତିକ ପରିବର୍ତ୍ତନ ଅବସ୍ଥାରେ ପଡ଼ିଛନ୍ତି । ବିହାର ସରକାର ସେମାନଙ୍କର ଥଇଥାନର ବ୍ୟବସ୍ଥା ଦିଗରେ ଚେଷ୍ଟା କରୁଛନ୍ତି । ରାଞ୍ଚି ଜିଲାର ଦୂର ଜାଗାରେ ସେମାନଙ୍କୁ କେତେକ ଜାଗାରେ ଥଇଥାନ କରାଯାଇଛି; ମାତ୍ର ସେମାନେ ସେଥିରେ ସନ୍ତୁଷ୍ଟ ନୁହନ୍ତି । ସେମାନଙ୍କୁ ଆଶାନୁରୂପେ ସାହାଯ୍ୟ ମିଳୁନାହିଁ । ଜମି ଓ ଘର ଦିଆହେଲେ ମଧ୍ୟ ସେମାନେ ସେଥିରେ ସନ୍ତୁଷ୍ଟ ନୁହନ୍ତି । କାରଣ ସେମାନେ କୁହନ୍ତି ଯେ କୁଡ଼ିଆଘର ନୂଆଘର ଅପେକ୍ଷା ଭଲ । ଜମି ଦିଆହୋଇଥିଲେ ହେଁ ସେମାନଙ୍କୁ କୃଷି ଉପକରଣ ଇତ୍ୟାଦି ଦିଆ ହୋଇନାହିଁ ।

---